

ପର ନିନ୍ଦା, ପର ଚର୍ଚ୍ଚା, ପରର ଅନିଷ୍ଟ ଚିନ୍ତା, ଅନ୍ୟର ପ୍ରାଣରେ କଷ୍ଟ ଦେବା ମହାପାତକ ମଧ୍ୟରେ ଗଣ୍ୟ।
-ଶ୍ରୀଚୈତନ୍ୟ



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ପତଞ୍ଜଳି ପକ୍ଷରୁ ନିଃଶୁଳ୍କ ଯୋଗ ଶିବିର, ଏନ୍-୫ ପାର୍କ, ନୟାପଲ୍ଲୀ।
- ଓଡ଼ିଶା ଆସୋସିଏଶନ୍ ଫର୍ ବ୍ଲାଇଣ୍ଡ ପକ୍ଷରୁ ଧଳାବାଡ଼ି ଦିବସ, ମାଲଗୋଦାମ ରୋଡ, ୟୁନିଟ୍-୩, ପୂର୍ବାହ୍ନ ୧୦ଟା।
- ହକି ଇଣ୍ଡିଆ ପକ୍ଷରୁ ଭାରତୀୟ ମହିଳା ଓ ପୁରୁଷ ହକି ଦଳ ଘୋଷଣା କାର୍ଯ୍ୟକ୍ରମ, ହୋଟେଲ ସାଣ୍ଡିସ୍ ଟାୱାର, ଅପରାହ୍ନ ୩ଟା ୧୫।
- ଓଡ଼ିଆ ଗୀତିକବି ସମାଜ ପକ୍ଷରୁ ସଙ୍ଗୀତ ସନ୍ଧ୍ୟା 'ରଜନୀ ଗନ୍ଧା', ସୂଚନା ଭବନ, ସନ୍ଧ୍ୟା ୬ଟା।
- ବିଦ୍ୟାକନକ ସୃଜନାନୁଷ୍ଠାନ ପକ୍ଷରୁ ନାଟକ ସମାରୋହ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୭ଟା।

**କଟକ**

- ୭୬ତମ ରାଜ୍ୟ ପୋଲିସ କବାଡି ଓ ଅଷ୍ଟମ ହ୍ୟାଣ୍ଡବଲ୍ ଚାମ୍ପିୟନଶିପର ଉଦ୍‌ଘାଟନୀ ଉତ୍ସବ, ଓଏସ୍ଏପି ଷଷ୍ଠ ବାଟାଲିୟନ, ସକାଳ ୮ଟା।
- ଏମ୍‌ବିଡି ଗ୍ରୁପ ଷ୍ଟାଫ ଆସୋସିଏଶନ ପକ୍ଷରୁ ଧାରଣା, ଏମ୍‌ବିଡି ଅଫିସ ସମ୍ମୁଖ, ଲିଙ୍କରୋଡ୍, ସକାଳ ୮ଟା ୩୦।
- କଟକ ନଗର ଭାଜପା ପକ୍ଷରୁ କଟକ ଐତିହାସିକ ବାଲିଯାତ୍ରାକୁ ସରକାରୀ ମାନ୍ୟତା ଦେବା ପ୍ରସଙ୍ଗରେ ଦାବିପତ୍ର ପ୍ରଦାନ, ଆରଡିସିଙ୍କ କାର୍ଯ୍ୟାଳୟ, ମଧ୍ୟାହ୍ନ, ୧୨ଟା।
- ଉତ୍କଳ ସାହିତ୍ୟ କଳା ପରିଷଦ ପକ୍ଷରୁ ୩ ପୁସ୍ତକ ଉନ୍ମୋଚନ, ଶ୍ରୀରାମଚନ୍ଦ୍ର ଭବନ, ସନ୍ଧ୍ୟା ୬ଟା ୩୦।

**ପୁରୀ**

- ଭାଗବତ ପ୍ରବଚନ, ସିଂହଦ୍ୱାର ସମ୍ମୁଖ, ସନ୍ଧ୍ୟା ୭ଟା।

**ବାଲିଅନ୍ତା**

- ଶ୍ରୀ ନିକୁଞ୍ଜବିହାରୀ ଦେବଙ୍କ ସ୍ଥାପନର ଶତବାର୍ଷିକ ଉତ୍ସବରେ ଭାଗବତ ପ୍ରବଚନ, ବାଲିଅନ୍ତା ନିକୁଞ୍ଜବିହାରୀ ମନ୍ଦିର, ସନ୍ଧ୍ୟା ୭ଟା।
- ଗଜଲକ୍ଷ୍ମୀ ପୂଜା ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ବାଲିଅନ୍ତା ବଜାର, ସନ୍ଧ୍ୟା ୭ଟା।

## ମହିଳାଙ୍କୁ ବ୍ଲାକମେଲିଂ କରି ଜେଲ ଗଲେ କନଷ୍ଟେବଲ

**ସାକ୍ଷୀଗୋପାଳ, ୧୭।୧୦(ଡି.ଏନ୍.ଏ.):** ପୁରୀଜିଲା ସତ୍ୟବାଦୀ ଥାନା ଅଞ୍ଚଳର ଜଣେ ମହିଳାଙ୍କୁ ଯୌନ ଶୋଷଣ ଓ ବ୍ଲାକମେଲିଂ ଅଭିଯୋଗରେ ଜଣେ ପୋଲିସ କନଷ୍ଟେବଲଙ୍କୁ ଗୁରୁବାର ଜେଲ ଯିବାକୁ ପଡିଛି। ସେ ହେଲେ ନିମାପଡା ଥାନାର ସହକାରୀ ଡ୍ରାଇଭର ଗଙ୍ଗାଧର ରାଉତ। ସୂଚନା ଯୋଗ୍ୟ ଯେ, ଗଙ୍ଗାଧର ସତ୍ୟବାଦୀ ଥାନାରେ କାମ କରିବା ସମୟରେ ଏକ ମାମଲାରେ ଉକ୍ତ ମହିଳାଙ୍କୁ ସାହାଯ୍ୟ ବାହାନାରେ ତାଙ୍କ ସହ ସମ୍ପର୍କ ରଖିଥିଲେ। ପରେ ତାଙ୍କୁ ବ୍ଲାକମେଲିଂ କରି ତାଙ୍କ ଠାରୁ ୮୦ ହଜାର ଟଙ୍କା ନେଇ ଫେରାଇ ନ ଥିଲେ। ଟଙ୍କା ମାଗିବାରୁ ତାଙ୍କୁ ଧମକ ଚମକ ଦେଇଥିବା ନେଇ ମହିଳା ଜଣକ ସତ୍ୟବାଦୀ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୧୭୮/୧୮ରେ ମାମଲା ରୁଜୁ କରି ତଦନ୍ତ କରିଥିଲେ ମଧ୍ୟ ଅଭିଯୁକ୍ତଙ୍କୁ ଗିରଫ ନ କରିବାରୁ ମହିଳା ଜଣଙ୍କ ଏସ୍‌ପିଙ୍କୁ ଜଣାଇଥିଲେ। ପୁରୀ ଏସ୍‌ପି ଉମାଶଙ୍କର ଦାଶଙ୍କ ନିର୍ଦ୍ଦେଶରେ ଗଙ୍ଗାଧରଙ୍କୁ ନିମାପଡ଼ାରୁ ଗିରଫ ପରେ ପୁରୀ କୋର୍ଟରେ ହାଜର କରିଥିଲା।

## ବିଦ୍ୟୁତ୍ ଆଘାତରେ ମହିଳା ମୃତ

ଟାଙ୍ଗୀ(ଖୋର୍ଦ୍ଧା)/ଚିଲିକା,୧୭।୧୦(ଡି.ଏନ.ଏ.): ଖୋର୍ଦ୍ଧା ଜିଲା ଚିଲିକା ବ୍ଲକ୍ ହରିପୁର ଗ୍ରାମ ପଞ୍ଚାୟତ ଅଧୀନ ଗଙ୍ଗାଧରପୁର ଗ୍ରାମରେ ଗୁରୁବାର ସକାଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ମହିଳା ପ୍ରାଣ ହରାଇଛନ୍ତି। ମୃତା ମହିଳା ହେଲେ ସୁଜ୍ଞାନୀ ପଟ୍ଟନାୟକ(୨୫)। ବାଣପୁର ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ସଦସ୍ୟଙ୍କୁ ହସ୍ତାନ୍ତର କରିଛି।



ପ୍ରକାଶ ଯେ, ବାଲିଆ ଗ୍ରାମର ସୁବୋଧ ଦାସଙ୍କ ଝିଅ ସୁଜ୍ଞାନୀ ୨୦୧୨ରେ ଗଙ୍ଗାଧରପୁରର ରଘୁନାଥ ପଟ୍ଟନାୟକଙ୍କ ପୁଅ ରବୀନ୍ଦ୍ରଙ୍କୁ ବିବାହ କରିଥିଲେ । ରବୀନ୍ଦ୍ର କର୍ମସଂସ୍ଥାନ ପାଇ ବିଦେଶରେ ରହୁଛନ୍ତି। ସେମାନଙ୍କର ୬ବର୍ଷର ପୁଅ ଅଛି। ଗୁରୁବାର ସକାଳେ ଘରେ ଟାଙ୍କିକୁ ପାଣି ଉଠାଇବା ପାଇଁ ସୁଜ୍ଞାନୀ ମୋଟର ସୁଇଚ୍ ମାରୁଥିବାବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଗୁରୁତର ହୋଇଥିଲେ। ତାଙ୍କୁ ଟାଙ୍ଗୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।





କଟକ ପାଲା ମଣ୍ଡପ ଏଲ୍ଆଇସି କଲୋନୀ ରାସ୍ତା ଓ ବାଦାମବାଡ଼ି ବସ୍‌ଷ୍ଟାଣ୍ଡ ନିକଟ ମୁଖ୍ୟ ରାସ୍ତାରେ ବର୍ଷା ଜଳ ଲହଡ଼ି ଭାଙ୍ଗୁଛି ।

# ଫେଂରନ୍ତା ବର୍ଷା ବୁଡ଼ାଇଲା

କଟକ ଅଫିସ, ୧୭।୧୦

ବିଳମ୍ବରେ ଫେରିଛି ମୌସୁମୀ। ଫେରିବା ବାଟରେ ଜୋରରେ ବର୍ଷୁଛି। ସପ୍ତାହେ ହେବ କଟକ ସହରରେ ପ୍ରତିଦିନ ଅପରାହ୍ନରେ ବର୍ଷା ହେଉଛି। ଗୁରୁବାର ପ୍ରାୟ ୧ ଘଣ୍ଟା ଧରି ମୁଷଳ ଧାରାରେ ବର୍ଷା ହେବାରୁ ବାଦାମବାଡ଼ି, ଲିଙ୍କ୍‌ରୋଡ଼, ରେଭେନ୍ସା ବିଶ୍ୱବିଦ୍ୟାଳୟ, ଏସ୍‌ସିବି ମେଡ଼ିକାଲ, ମଙ୍ଗଳାବାଗ, ଏଲ୍ଆଇସି କଲୋନୀ, ଖ୍ରୀଷ୍ଟ କଲେଜ ଛକ, ଖୋଲାସାହି, ରାଉସାପାଟଣା, କଲେଜ ଛକ, ଷ୍ଟେଶନ ନିକଟ ସମେତ ପ୍ରାୟ ସବୁ ଅଞ୍ଚଳରେ ବର୍ଷାଜଳ ଲହଡି ମାରିଛି। ଏଥିଯୋଗୁ ଯାତାୟାତ ବାଧାପ୍ରାପ୍ତ ହୋଇଛି। ସହରର ଡ୍ରେନ୍‌ଗୁଡ଼ିକ ସଫା ନ ହେବାରୁ ବର୍ଷାଜଳ ନିଷ୍କାସନରେ ସମସ୍ୟା ସୃଷ୍ଟି ହୋଇଛି। ଡ୍ରେନ୍ ସଫେଇ ପାଇଁ ବାରମ୍ବାର ଅଭିଯୋଗ ହେଉଥିଲେ ମଧ୍ୟ କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ସହରବାସୀ ଅଭିଯୋଗ କରିଛନ୍ତି। ଏ ନେଇ ସିଏମ୍‌ସି କମିଶନର ଅନନ୍ୟା ଦାସ କହିଛନ୍ତି, ପୂର୍ବରୁ ଯେଉଁଭଳି ଭାବେ ବର୍ଷାପାଣି ଜମି ରହୁଥିଲା ଏବେ ସେଭଳି ହେଉନି। ବର୍ଷା ହେଲେ ତଳିଆ ଅଞ୍ଚଳରେ ପାଣି ରହେ। ସିଏମ୍‌ସି ପକ୍ଷରୁ ବିଭିନ୍ନ ଜାଗାରେ ପମ୍ପ ସାହାଯ୍ୟରେ ପାଣି ନିଷ୍କାସନ କରାଯାଏ। ଅତ୍ୟଧିକ ପାଣି ଜମିବା ସମ୍ଭାବନା ଥିବାରେ ଦୁଇଟି ବଡ଼ ପମ୍ପ ବ୍ୟବହାର କରାଯାଇ ପାଣି ନିଷ୍କାସନ କରାଯାଏ। ବିଭିନ୍ନ ସ୍ଥାନରେ ପାଣି ଯେପରି ଜମି ନ ରହିବ ସେଥିପାଇଁ ଖୁବ୍‌ଶୀଘ୍ର ପଦକ୍ଷେପ ନିଆଯାଉଛି।



## ଜଳମଗ୍ନ ରେଭେନ୍ସା ବିଶ୍ୱବିଦ୍ୟାଳୟ

ବର୍ଷା ଯୋଗୁ ରେଭେନ୍ସା ବିଶ୍ୱବିଦ୍ୟାଳୟରେ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍‌ରେ ଆଣ୍ଠୁଏ ଉଚ୍ଚତାର ପାଣି ଲହଡି ଭାଙ୍ଗୁଛି। ବିଶ୍ୱବିଦ୍ୟାଳୟ ପରିସରରେ ଥିବା ଡ୍ରେନ୍‌ରୁ ଆବର୍ଜନା ସଫା କରାଯାଉ ନାହିଁ। ଫଳରେ ବର୍ଷାଜଳ ନିଷ୍କାସନ ହେବାରେ ସମସ୍ୟା ସୃଷ୍ଟି ହୋଇଛି। ଏଥିଯୋଗୁ ଛାତ୍ରୀଛାତ୍ର ବିଶ୍ୱବିଦ୍ୟାଳୟ ପରିସରରୁ ବାହାରକୁ ଯିବାରେ ଅସୁବିଧା ହେଉଛି। ପୂର୍ବରୁ ଅନେକ ସମୟରେ ଏପରି ପରିସ୍ଥିତି ସୃଷ୍ଟି ହେଉଥିଲେ ମଧ୍ୟ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ଛାତ୍ରୀଛାତ୍ରଙ୍କ ପକ୍ଷରୁ ଦାବି ହେଉଛି।

## ଏସ୍‌ସିବିରେ ପଶିଲା ପାଣି

ବର୍ଷାଯୋଗୁ ଏସ୍‌ସିବି ମେଡିକାଲରେ ପାଣି ପଶିଛି। ମେଡିକାଲରେ ଥିବା ଏକ୍ସ-ରେ ଏବଂ ସର୍ଜରି ୱାର୍ଡରେ ପାଣି ପଶିବାରୁ ରୋଗୀମାନେ ହନ୍ତସନ୍ତ ହୋଇଛନ୍ତି। ଏଭଳି ସମସ୍ୟା ବାରମ୍ବାର ଦେଖାଦେଉଥିଲେ ମଧ୍ୟ ଏହାର ସ୍ଥାୟୀ ସମାଧାନ ଦିଗରେ କର୍ତ୍ତୃପକ୍ଷ ପଦକ୍ଷେପ ନେଉନାହାନ୍ତି। ଏପରି କି ବର୍ଷା ସମୟରେ ପାଣି ଭିତରକୁ ପଶିଲେ ରଞ୍ଜନ ରଶ୍ମି ମେଶିନ ବନ୍ଦ କରି ଦିଆଯାଏ ବୋଲି ଡ୍ୟୁଟିରେ ଥିବା ଅଧିକାରୀମାନେ କହିଛନ୍ତି। ପ୍ରତିଥରଠାରୁ ଏଥର ଅଧିକ ପାଣି ଭିତରକୁ ପଶିଛି। ପୂର୍ବରୁ ଲାଇନରେ ଥିବା ରୋଗୀଙ୍କୁ ଏକ୍ସ-ରେ ରିପୋର୍ଟ ଦିଆଯାଇଛି। ଆଉ ଯେଉଁମାନେ ଥିଲେ ସେମାନଙ୍କୁ ଅପେକ୍ଷା କରିବାକୁ କୁହାଯାଇଥିଲା। ରଞ୍ଜନ ରଶ୍ମି ଏବଂ ସର୍ଜରି ୱାର୍ଡ ଦେଇ ଯାଇଥିବା ଡ୍ରେନ୍ ସଫା କରାଯାଇନାହିଁ। ଫଳରେ ବର୍ଷା ହେଲେ ନାଳ ପାଣି ସମେତ ବର୍ଷାପାଣି ମେଡିକାଲ ଭିତରକୁ ପଶୁଥିବା ରୋଗୀମାନେ କହିଛନ୍ତି। ବର୍ଷାପାଣି ପଶିବା ପୂର୍ବରୁ ରଞ୍ଜନ ରଶ୍ମି ବିଭାଗକୁ ବନ୍ଦ କରି ଦିଆଯାଇଥିଲା। ଏ ନେଇ ମେଡିକାଲର ଜରୁରିକାଳୀନ ଅଧିକାରୀ ଭୁବନାନନ୍ଦ ମହାରଣା କହିଛନ୍ତି, ବର୍ଷାପାଣି ପଶିଥିବା ଖବର ଆମ ପାଖରେ ପହଞ୍ଚିଛି। ହେଲେ ରୋଗୀସେବାରେ ସେମିତି କୌଣସି ବ୍ୟାଘାତ ଘଟିନାହିଁ। ଆଗାମୀ ଦିନରେ ଯେଭଳି ପୁନର୍ବାର ପାଣି ନ ପଶିବ ସେ ଦିଗରେ ପଦକ୍ଷେପ ନେବାକୁ ଚେଷ୍ଟା ଜାରି ରହିଛି।





ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପଠାରେ କସ୍ତୁରବା ନାରୀ ମହଲ ପକ୍ଷରୁ ଆୟୋଜିତ କୁମାର ଉତ୍ସବରେ ଓଡ଼ିଶା ଡ୍ୟାନ୍ସ ଏକାଡେମୀର କଳାକାରମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରୁଛନ୍ତି ।

## ପୋଖରୀରୁ ଯୁବକଙ୍କ ମୃତଦେହ ଉଦ୍ଧାର

**ପୁରୀ ଅଫିସ,୧୭।୧୦:** ପୁରୀ ସଦର ଥାନା ଅଧୀନ କପିଳେଶ୍ୱରପୁର ନିକଟ ବିଲକାଙ୍କୁଡ଼ା ପୋଖରୀରୁ ଜଣେ ଯୁବକଙ୍କ ମୃତଦେହକୁ ଗୁରୁବାର ରାତିରେ ଉଦ୍ଧାର କରାଯାଇଛି। ମୃତକ ହେଲେ ସେହି ଗ୍ରାମର ସହଦେବ ନାୟକ(୪୮)। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଗୁରୁବାର ପୂର୍ବାହ୍ନ ୧୧ଟାରେ ସହଦେବ ବିଲକୁ ଯାଇଥିଲେ। ସନ୍ଧ୍ୟା ସୁଦ୍ଧା ଘରକୁ ନ ଫେରିବାରୁ ପରିବାର ଓ ସମ୍ପର୍କୀୟମାନେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ। ରାତି ୧୦ଟାରେ ପୋଖରୀକୁ ଯାଇଥିବା ଜଣେ ଯୁବକ ତାଙ୍କ ମୃତଦେହ ଭାସୁଥିବା ଦେଖି ପରିବାର ଲୋକଙ୍କୁ ଖବର ଦେଇଥିଲେ। ତାଙ୍କୁ ଉଦ୍ଧାର କରାଯାଇ ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ତେବେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ହବିଷିଆଳି ଆଶ୍ରୟସ୍ଥଳୀରୁ...

## ହସ୍ପିଟାଲରେ ୩ ହବିଷିଆଳି

ପୁରୀ ଅଫିସ,୧୭।୧୦

ସରକାରଙ୍କ ପକ୍ଷରୁ ହବିଷିଆଳି ଯୋଜନାରେ ପ୍ରାୟ ଅଢେଇ ହଜାରରୁ ଊର୍ଦ୍ଧ୍ୱ ବ୍ରତଧାରୀ ପୁରୀରେ ରହି କାର୍ତ୍ତିକ ବ୍ରତ ପାଳନ କରୁଛନ୍ତି। ସେମାନଙ୍କ ରହିବା, ମହାପ୍ରସାଦ ସେବନ ସାଙ୍ଗକୁ ଅନ୍ୟାନ୍ୟ ସମସ୍ତ ପ୍ରକାର ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇଛି। ୩ଟି ଆଶ୍ରୟସ୍ଥଳୀ ପୌରସଂସ୍ଥା କଲ୍ୟାଣ ମଣ୍ଡପ, ରେଲୱେ ଟୁରିଷ୍ଟ କମ୍ପ୍ଲେକ୍ସ ଏବଂ ନରେନ୍ଦ୍ରକୋଣ ହବିଷିଆଳି କେନ୍ଦ୍ରରେ ଏମାନେ ରହୁଛନ୍ତି। ପରିଣତ ବୟସରେ ହବିଷ କରିବାକୁ ଆସିଥିବା ମହିଳାମାନେ ଏକାଠି ଚଉରା ମୂଳେ ପୂଜା କରିବା, ଶ୍ରୀମନ୍ଦିରକୁ ଦର୍ଶନ ପାଇଁ ଯିବା ନେଇ ବେଶ୍ ଖୁସିରେ ଦିନ କାଟୁଛନ୍ତି। ତଥାପି ସ୍ୱାସ୍ଥ୍ୟଗତ ସମସ୍ୟା ନେଇ ହବିଷିଆଳି ହସ୍ପିଟାଲରେ ବି ଭର୍ତ୍ତି ହେଉଛନ୍ତି। କାର୍ତ୍ତିକ ବ୍ରତର ଚତୁର୍ଥ ଦିନରେ ୩ ଜଣ ହବିଷିଆଳି ଜିଲା ସଂକ୍ରାମକ ରୋଗ ଚିକିତ୍ସାଳୟ (ଆଇଡିଏଚ୍)ରେ ଭର୍ତ୍ତି ହୋଇଥିବା ଜଣାପଡ଼ିଛି। ନରେନ୍ଦ୍ରକୋଣ ଆଶ୍ରୟସ୍ଥଳୀରେ ରହୁଥିବା ବ୍ରହ୍ମପୁରର ତାରିଣୀ ପାଢୀ (୭୨), ନୟାଗଡ଼ ଜିଲା ହରିପୁରର ମାଗୁଣି ପାଢୀ (୮୧) ଓ ଗଞ୍ଜାମର ରଜନୀ ପାଢୀ (୭୦) ଆଇଡିଏଚ୍‌ରେ ଭର୍ତ୍ତି ହୋଇଛନ୍ତି। ଡିହାଇଡ୍ରେସନ ଯୋଗୁ ସେମାନଙ୍କୁ ହସ୍ପିଟାଲକୁ ନିଆଯାଇଛି। ଅନ୍ୟ ପକ୍ଷରେ ରେଲୱେ ଟୁରିଷ୍ଟ କମ୍ପ୍ଲେକ୍ସରେ ରହୁଥିବା ନୂଆପଡ଼ାର କୁନ୍ତଳା ସାହୁ (୬୯) ଙ୍କର ଅତ୍ୟଧିକ ଗ୍ୟାସ୍ ହୋଇଯିବାରୁ ତାଙ୍କ ମୁଣ୍ଡ ବୁଲାଇଥିଲା। ସ୍ୱେଚ୍ଛାସେବୀମାନେ ତାଙ୍କୁ ଜିଲା ସଦର ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ଚିକିତ୍ସା ପରେ ସେ ଆଶ୍ରୟସ୍ଥଳୀକୁ ଫେରିଛନ୍ତି।

## ଆକାଶ ଦୀପ ଶିକା ଜଳିଗଲା

ଅପରାହ୍ନରେ ନରେନ୍ଦ୍ରକୋଣ ଆଶ୍ରୟସ୍ଥଳୀରେ ବ୍ରତଧାରୀମାନ ତୁଳସୀ ଚଉରା ମୂଳେ ପୂଜା କରିଥିଲେ। ଆକାଶ ଦୀପ ଉଠାଉଥିବା ବେଳେ ଦୀପ ନିଆଁରୁ ଶିକା ଜଳିଥିଲା। ଏହାଦେଖି ଅଗ୍ନିଶମ କର୍ମଚାରୀ ଦୌଡ଼ି ଆସି ଆକାଶଦୀପ ଟଣାଯାଇଥିବା ବାଉଁଶକୁ ଉପାଡ଼ି ଦେବା ସହ ନିଆଁ ଲିଭାଇ ଥିଲେ। ରେଡ୍‌କ୍ରସର ଗାୟତ୍ରୀ ଦାସ ଏବଂ ଅନ୍ୟମାନେ ହବିଷିଆଳିଙ୍କୁ ସେଠାରୁ ଦୂରକୁ ନେଇଯାଇଥିଲେ।

## ଶିଉଳିରେ ଗୋଡ଼ ଖସିଗଲା

ହବିଷିଆଳିମାନେ କିପରି ସୁରକ୍ଷିତ ଭାବେ ସ୍ନାନ କରିବେ ତାହା ଉପରେ ପ୍ରଶାସନ ଗୁରୁତ୍ୱ ଦେଇଥିଲା। ହବିଷିଆଳି ପ୍ରସ୍ତୁତି ବୈଠକରେ ନରେନ୍ଦ୍ର ପୁଷ୍କରିଣୀରେ ସ୍ୱତନ୍ତ୍ର ତୁଠ ସାଙ୍ଗକୁ ଅଗ୍ନିଶମ କର୍ମଚାରୀ ଉପସ୍ଥିତ ରହିବେ ବୋଲି ବ୍ୟବସ୍ଥା କରିଥିଲା। ହବିଷିଆଳିଙ୍କ ଗୋଡ଼ ଯେପରି ନ ଖସିବ ସେଥିପାଇଁ ଶିଉଳି ସଫା କରାଯିବ ବୋଲି କୁହାଯାଇଥିଲା। ହେଲେ ଏହି ପ୍ରସ୍ତୁତି ଗୁରୁବାର ପଦାରେ ପଡ଼ିଥିଲା। ହବିଷିଆଳିଙ୍କ ସୁରକ୍ଷା ପାଇଁ ନିୟୋଜିତ ଜଣେ ଅଗ୍ନିଶମ କର୍ମଚାରୀ ଧୋଇ ହେବାକୁ ଯାଉଥିବାବେଳେ ଶିଉଳିରେ ତାଙ୍କ ଗୋଡ଼ ଖସି ଯାଇଥିଲା। ଫଳରେ ସେ ପଡ଼ିଯାଇ ଆହତ ହୋଇଥିଲେ।

## ଘରକୁ ଫେରିଲେ ପକ୍ଷାଘାତ ହବିଷିଆଳି

ରାଜ୍ୟ ସରକାରଙ୍କ ପକ୍ଷରୁ ପୁରୀରେ ନିର୍ମିତ ୩ଟି ଅସ୍ଥାୟୀ ଶିବିରରେ ଶତାଧିକ ହବିଷିଆଳି ରହି କାର୍ତ୍ତିକ ବ୍ରତ ପାଳନ କରୁଛନ୍ତି। ରେଲୱେ ଟୁରିଷ୍ଟ କମ୍ପ୍ଲେକ୍ସରେ ରହୁଥିବା ବ୍ରହ୍ମଗିରି ଭଣ୍ଡାରୀକୁଦାର ଆଶା ଦେବୀ ବୁଧବାର ଶୌଚାଳୟରେ ପଡ଼ି ଆହତ ହୋଇଥିଲେ। ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେ ପକ୍ଷାଘାତରେ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଥିଲା। ଗୁରୁବାର ପରିବାର ଲୋକେ ତାଙ୍କୁ ଘରକୁ ନେଇ ଯାଇଛନ୍ତି।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



ଅନୀଲ



ରିଙ୍କୁ



ସୂରଜ



ପ୍ରଭାତୀ



ସୁଶାନ୍ତ



ସୁଦୀପ



ଅରୁନ୍ଧତୀ



ପ୍ରଭାତ

ଏଠାରେ ନାହିଁ? ଦେଖନ୍ତୁ ଆପଣଙ୍କ ସେଲ୍ଫି ଫଟୋ
www.dharitri.com/category/selfie/



ଗୋଟିଏ ମାତ୍ର ଜାତି ଅଛି, ତାହା ମାନବ ଜାତି। ଗୋଟିଏ ମାତ୍ର ଧର୍ମ ଅଛି, ତାହା ପ୍ରେମ ଧର୍ମ। ଗୋଟିଏ ମାତ୍ର ଭାଷା ଅଛି, ତାହା ହୃଦୟର ଭାଷା। ଜଣେ ମାତ୍ର ଈଶ୍ୱର ଅଛନ୍ତି ସେ ସର୍ବବ୍ୟାପୀ। - ସତ୍ୟସାଇ ବାବା



## ସଂକ୍ଷେପରେ

### ୪୮ ଗ୍ରାମ୍ ବ୍ରାଉନସୁଗାର ଜବତ, ୪ ଗିରଫ

**ଜଟଣୀ,୧୭।୧୦(ଡି.ଏନ.ଏ.):** ଜଟଣୀ ଥାନା ଅନ୍ତର୍ଗତ ଖଣ୍ଡୁଆଳି ମନ୍ଦିର ନିକଟରୁ ପୋଲିସ ୪୮ ଗ୍ରାମ ବ୍ରାଉନ୍‌ସୁଗାର ଜବତ କରିବା ସହ ୪ ଜଣଙ୍କୁ ଗିରଫ କରିଛି। ଗିରଫ ୪ ଜଣ ହେଲେ ଜଟଣୀର ରଞ୍ଜନ କୁମାର ବାରିକ, ପ୍ରଫୁଲ୍ଲ କୁମାର ମହାପାତ୍ର, ଭୁବନେଶ୍ୱରର ସୌମ୍ୟରଞ୍ଜନ ଖଟୁଆ ଓ ଖୋର୍ଦ୍ଧାର ଆଶିଷ କୁମାର ରାଉତରାୟ। ବିଶେଷସୂତ୍ରରୁ ଖବରପାଇ ଗୁରୁବାର ଅପରାହ୍ନରେ କୁଇକ୍ ଆକ୍ସନ ଟିମ୍ (କ୍ୟୁଏଟି) ଓ ଜଟଣୀ ପୋଲିସ ମିଳିତ ଭାବେ ଚଢ଼ାଉ କରିଥିଲେ। ଗିରଫ ୪ ଜଣଙ୍କ ନିକଟରୁ ବ୍ରାଉନ୍‌ସୁଗାର ସହ ୨ଟି ବାଇକ୍ ଓ ଦୁଇଟି ମୋବାଇଲ୍ ଫୋନ୍ ପୋଲିସ ଜବତ କରିଛି। ଏ ନେଇ ନଂ.୪୧୪/୧୯ରେ ମାମଲା ରୁଜୁ ହୋଇଛି।

### ୨ କାର୍ ଧକ୍କା: ଜଣେ ଗୁରୁତର

**ନରାଜ,୧୭।୧୦(ଡି.ଏନ୍.ଏ.):** ବାରଙ୍ଗ ବ୍ଲକ ଅନ୍ତର୍ଗତ ମୁଣ୍ଡଳି ବ୍ୟାରେଜରେ ଗୁରୁବାର ଦୁଇ କାର୍ ମୁହାଁମୁହିଁ ଧକ୍କାହେବା ଫଳରେ ୨ଜଣ ଆହତ ହୋଇଥିବା ବେଳେ ଜଣେ ଗୁରୁତର ହୋଇଛନ୍ତି। ଗୁରୁତରଙ୍କୁ ଚିକିତ୍ସା ପାଇଁ କଟକର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ବାରଙ୍ଗ ପଟୁ ଆଠଗଡ ଅଭିମୁଖେ ଯାଉଥିବା ଏକ କାର୍(ଓଡି ୦୫ଏଆର ୧୧୦୧) ଏକ ସ୍କୁଟିକୁ ଅତିକ୍ରମ କରୁଥିବା ସମୟରେ ବିପରୀତ ଦିଗରୁ ଆସୁଥିବା ଏକ କାର୍ (ଓଡି ୧୯କ୍ୟୁ ୩୬୩୩) ସହିତ ମୁହାଁମୁହିଁ ଧକ୍କା ହୋଇଥିଲା। ଉଭୟ କାରରେ ବସିଥିବା ଲୋକମାନେ ଆହତ ହେବା ସହ ସ୍କୁଟିରେ ଯାଉଥିବା ଦୁଇ ଝିଅଙ୍କ ମଧ୍ୟରୁ ପଛରେ ବସିଥିବା ଝିଅ ଗୁରୁତର ହୋଇଥିଲେ। ଖବରପାଇ ଗୋଡିସାହି ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆହତଙ୍କୁ ଉଧାର କରିବା ସହ ଦୁର୍ଘଟଣାଗ୍ରସ୍ତ ୨କାର୍‌କୁ ଜବତ କରି ଫାଣ୍ଡିକୁ ଆଣିଥିଲା।

### ନନ୍ଦନକାନନ: କୃଷ୍ଣସାର ମୃଗ ଶାବକ ଜନ୍ମ

**ବାରଙ୍ଗ, ୧୭।୧୦(ଡି.ଏନ୍.ଏ.):** ପ୍ରାଣୀଉଦ୍ୟାନ ନନ୍ଦନକାନନରେ ୬୬ନଂ ଏନ୍‌କ୍ଲୋଜରରେ ଥିବା ଏକ କୃଷ୍ଣସାର ମୃଗ ଗୁରୁବାର ଗୋଟିଏ ଛୁଆ ଜନ୍ମ ଦେଇଛି। ଏହି ଶାବକଟି ସୁସ୍ଥ ଥିବାବେଳେ ଏମାନଙ୍କ ସଂଖ୍ୟା ବୃଦ୍ଧିପାଇ ୩୭ରେ ପହଞ୍ଚିଛି। ସେଥିମଧ୍ୟରେ ୧୨ଅଣ୍ଡିରା,୧୫ମାଇ ଓ ୧୦ଟିର ଲିଙ୍ଗନିରୁପଣ ହୋଇପାରିନାହିଁ।

### ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ଭୁବନେଶ୍ୱର, ୧୭।୧୦(ବ୍ୟୁରୋ):** ଚନ୍ଦ୍ରଶେଖରପୁର ଥାନା ଅଧୀନ ନୀଳାଦ୍ରିବିହାର ହରେକୃଷ୍ଣ ବସ୍ତି ନିକଟ ଏକ ଗଛରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହକୁ ଗୁରୁବାର ପୋଲିସ ଉଦ୍ଧାର କରିଛି। ମୃତକ ହେଲେ ନିରଞ୍ଜନ ଜେନା (୪୯)। ତାଙ୍କ ଘର ଯାଜପୁର ଜିଲାରେ ହୋଇଥିବାବେଳେ ସେ ହରେକୃଷ୍ଣ ବସ୍ତିରେ ପରିବାର ସହ ରହି ଦିନ ମଜୁରିଆ ଭାବେ କାର୍ଯ୍ୟ କରୁଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲକୁ ପଠାଇଛି। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଯୁବକ ଜଣକ ବେକରେ ଗାମୁଛା ବାନ୍ଧିଥିବାରୁ ସେ ଆତ୍ମହତ୍ୟା କରିଥିବା ପୋଲିସ ଅନୁମାନ କରିଛି। ତେବେ ବ୍ୟବଚ୍ଛେଦ ରିପୋର୍ଟକୁ ପୋଲିସ ଅପେକ୍ଷା କରିଛି। ସୂଚନା ଅନୁଯାୟୀ, ବୁଧବାର ରାତିରେ ନିରଞ୍ଜନ ନିଶାସକ୍ତ ଅବସ୍ଥାରେ ଘରକୁ ଫେରି ସ୍ତ୍ରୀଙ୍କ ସହ ଝଗଡ଼ା କରିଥିଲେ। ତେବେ ଗୁରୁବାର ଅପରାହ୍ନରେ ଘର ନିକଟ ନିଛାଟିଆ ସ୍ଥାନର ଏକ ଗଛରେ ଗାମୁଛା ବାନ୍ଧି ନିରଞ୍ଜନ ଝୁଲୁଥିବା ଦେଖିବାକୁ ମିଳିଥିଲା।

### ମହିଳାଙ୍କ ଆକାଉଣ୍ଟରୁ ୯୦ ହଜାର ଲୁଟ୍

**ଭୁବନେଶ୍ୱର, ୧୭।୧୦(ବ୍ୟୁରୋ):** ଖଣ୍ଡଗିରି ଥାନା ଡୁମ୍‌ଡୁମାରେ ଜଣେ ମହିଳାଙ୍କ ଆକାଉଣ୍ଟରୁ ୯୦ ହଜାର ଟଙ୍କା ଲୁଟ୍ ହୋଇଛି। ମହିଳା ଜଣକ ହେଲେ ପ୍ରମିଳା ପାତ୍ର। ପ୍ରମିଳାଙ୍କ ଅଭିଯୋଗ ଆଧାରରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ଅନୁଯାୟୀ, ଡୁମ୍‌ଡୁମା ଷ୍ଟେଟ୍ ବ୍ୟାଙ୍କ୍‌ଶାଖାର ପ୍ରମିଳାଙ୍କ ଆକାଉଣ୍ଟରେ ୯୦ ହଜାର ଟଙ୍କା ରହିଥିଲା। ସେ ଗୁରୁବାର ବ୍ୟାଙ୍କ୍‌ରୁ ଟଙ୍କା ଉଠାଇବା ପାଇଁ ଯାଇଥିଲେ। ହେଲେ ଆକାଉଣ୍ଟରେ ଟଙ୍କା ନ ଥିବା ବ୍ୟାଙ୍କ୍ କର୍ମଚାରୀ କହିଥିଲେ। ଟଙ୍କା କୁଆଡ଼େ ଗଲା ବୋଲି ପଚାରିବାରୁ ଆକାଉଣ୍ଟରୁ ଅନ୍‌ଲାଇନ୍ ଡେବିଟ୍ ହୋଇଥିବା ବ୍ୟାଙ୍କ୍ କର୍ମଚାରୀ କହିଥିଲେ।

# ୫-ଟି ସଚିବଙ୍କ ଗସ୍ତ ପୂର୍ବରୁ ସଫା ହେଲା କ୍ୟାପିଟାଲ ହସ୍ପିଟାଲ

**ଭୁବନେଶ୍ୱର, ୧୭।୧୦(ବ୍ୟୁରୋ)**

■ ନିରାମୟ ଔଷଧ କେନ୍ଦ୍ର ସମ୍ମୁଖରେ ଲାଗିଲା ଫ୍ୟାନ୍

■ ଉଠିଲା ବର୍ଷ ବର୍ଷର ଅଳିଆ, ରହିଲା ଫୁଲଦାନି

'ମୋ ସରକାର' କାର୍ଯ୍ୟକ୍ରମ ଆରମ୍ଭ ହେବାପରେ ମୁଖ୍ୟମନ୍ତ୍ରୀଙ୍କ ୫-ଟି ଉପରେ ଗୁରୁତ୍ୱ ବଢ଼ିଯାଇଛି। ବିଶେଷକରି ହସ୍ପିଟାଲ ଓ ଥାନାକୁ ଯାଉଥିବା ଲୋକଙ୍କୁ ଉନ୍ନତ ସେବା ଯୋଗାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ବ୍ୟବସ୍ଥାର ଅନୁଧ୍ୟାନ ଲାଗି ଏବେ ୫-ଟି ସଚିବ ଭି.କେ. ପାଣ୍ଡିଆନ ରାଜ୍ୟର ବିଭିନ୍ନ ସରକାରୀ ହସ୍ପିଟାଲ ପରିଦର୍ଶନ କରୁଛନ୍ତି। ଯେଉଁଠି ସମସ୍ୟା ଦେଖୁଛନ୍ତି ତୁରନ୍ତ ତାହାକୁ ସମାଧାନ କରିବାକୁ ନିର୍ଦ୍ଦେଶ ଦେଉଛନ୍ତି। ଅବହେଳା ଓ କର୍ତ୍ତୃପକ୍ଷଙ୍କ ବେପରୁଆ କାର୍ଯ୍ୟାଧାରା ନଜରକୁ ଆସିଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି। ଶୁକ୍ରବାର ପୂର୍ବାହ୍ନ ପ୍ରାୟ ୧୦ଟା ୩୦ରେ ସଚିବ ପାଣ୍ଡିଆନ ରାଜ୍ୟର ଅନ୍ୟତମ ପ୍ରମୁଖ ସରକାରୀ ଚିକିତ୍ସାଳୟ କ୍ୟାପିଟାଲ ହସ୍ପିଟାଲ ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। ଏହି ଖବର ମିଳିବା ପରେ ଗୁରୁବାର ହସ୍ପିଟାଲ ହଠାତ୍ ଚଳଚଞ୍ଚଳ ହୋଇଉଠିଥିଲା। ହସ୍ପିଟାଲ ପରିସରକୁ ସଫା ସୁତୁରା କରାଯାଇଥିଲା। ଆହାର କେନ୍ଦ୍ର ନିକଟରେ ପଡୁଥିବା ବଳକା ଖାଦ୍ୟ ସ୍ଥାନକୁ ମାଟି ପକାଇ ପୋତାଯାଇଥିଲା। ଏହାସହ ଅନେକ ଅନାବନା ଘାସ ଓ ଅନ୍ୟ ଅଳିଆକୁ ସ୍ଥାନାନ୍ତର କରାଯାଇଥିଲା। ବର୍ଷସାରା ପଡ଼ି ରହୁଥିବା ଅଳିଆକୁ କାହିଁକି ହଠାତ୍ ଏପରି ତରବରିଆ ଭାବେ ସଫା କରାଗଲା ତାହା ଦେଖି ହସ୍ପିଟାଲକୁ ଆସୁଥିବା ଲୋକେ କଟାକ୍ଷ କରୁଥିବା ଦେଖିବାକୁ ମିଳିଥିଲା। ନିରାମୟ ଔଷଧ କେନ୍ଦ୍ର ସମ୍ମୁଖରେ ହଜାର ହଜାର ଲୋକ ଗରମରେ ଲାଇନ୍‌ରେ ଛିଡା ହେଉଥିଲେ। ଏବେ ସେଠାରେ ଫ୍ୟାନ୍ ଲଗାଇ ଦିଆଯାଇଥିଲା। କେବଳ ଏତିକି ନୁହେଁ, ହସ୍ପିଟାଲର ବିଭିନ୍ନ ବିଭାଗରେଅଚଳ ଏକାଧିକ ଏସିଓ ଫ୍ୟାନ୍‌କୁ ମଧ୍ୟ ମରାମତି କରାଯାଇଥିଲା। ସୌନ୍ଦର୍ଯ୍ୟବୃଦ୍ଧି ପାଇଁ ଫୁଲକୁଣ୍ଡକୁ ସଜାଇ ଦିଆଯାଇଥିଲା। ସେହିଭଳି ପୋଲିସ ମଧ୍ୟ ହସ୍ପିଟାଲ ପରିସର ଫାଣ୍ଡି ଭିତରକୁ ସଫାସୁତୁରା କରିଛି। ଏହାସହ ଯଦି ସଚିବ ଫାଣ୍ଡି ଭିତରକୁ ଯିବେ କିପରି ତାଙ୍କୁ ସନ୍ତୁଷ୍ଟ କରାଯିବ ତାହାର ସବୁକିଛି ବ୍ୟବସ୍ଥାକୁ ଠିକ୍ କରିବାକୁ ଉଦ୍ୟମ ହୋଇଛି। ହସ୍ପିଟାଲ କର୍ତ୍ତୃପକ୍ଷ, ଡାକ୍ତର, କର୍ମଚାରୀ ଓ ପୋଲିସ ସଚିବଙ୍କ ଗସ୍ତକୁ ନେଇ ଏକପ୍ରକାର ଭୟ ତଥା ଆଶଙ୍କା ଭିତରେ ରହିଥିବା ଜଣାପଡିଛି।



୫-ଟି ସଚିବଙ୍କ ଗସ୍ତ ପୂର୍ବରୁ ହସ୍ପିଟାଲ ସଫା କରାଯାଉଛି।



ଭାରତ ଗ୍ରୁପର ଷ୍ଟାର୍ଟ ଅପ୍ କମ୍ପାନୀ ଓମ୍ ଜୟ ଇଭି ପକ୍ଷରୁ ଭୁବନେଶ୍ୱରରେ ଡିଲରମିଟ ତଥା ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ତାଲିମ ବିଶେଷଜ୍ଞ ଏବଂ କମ୍ପାନୀର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ପ୍ରଡକ୍ଟ ରେଞ୍ଜ, ବୈଶିଷ୍ଟ୍ୟ, ସୁବିଧା, ଗ୍ରାହକ ଆବଶ୍ୟକତା, ବିକ୍ରୟ ଧାରା ଏବଂ ଅନ୍ୟାନ୍ୟ ପ୍ରସଙ୍ଗ ଉପରେ ଗୁରୁତ୍ୱାରୋପ କରିଥିଲେ।

## ୫ ଚୋରା ମାଙ୍କଡାପଥର, ବାଲି ବୋଝେଇ ଟ୍ରକ ଅଟକ

**ବାରଙ୍ଗ, ୧୭।୧୦(ଡି.ଏନ୍.ଏ.)**

ମେଣ୍ଢାଶାଳଠାରେ ଗୁରୁବାର ଭୁବନେଶ୍ୱର ତହସିଲ ପକ୍ଷରୁ ଚୋରଚାଲଣ ହେଉଥିବା ୫ଟି ମାଙ୍କଡାପଥର ଓ ବାଲିବୋଝେଇ ଟ୍ରକକୁ ଅଟକ ରଖାଯାଇଛି। ମାଙ୍କଡାପଥର ବୋଝେଇ ୩ଟି ଗାଡି ପିତାପଲ୍ଲୀରୁ ଚନ୍ଦକା ପଟକୁ ଆସୁଥିବାବେଳେ ବାଲିବୋଝେଇ ହାଇଓ୍ୱା ୨ଟି ଚନ୍ଦକାରୁ ପିତାପଲ୍ଲୀ ଆଡକୁ ଯାଉଥିବାବେଳେ ତହସିଲ କର୍ମଚାରୀମାନେ ଧରିଥିଲେ। ଭୁବନେଶ୍ୱର ତହସିଲଦାର ଏକ ଟିମ୍ ଏହାକୁ ଧରିବାସହ ସେମାନଙ୍କଠାରୁ ୭୬ହଜାରେ ଟଙ୍କା ଜୋରିମାନା ବାବଦରେ ଆଦାୟ କରିଛନ୍ତି। ୫ଟି ଗାଡିକୁ ଅଟକ କରି ମେଣ୍ଢାଶାଳଫାଣ୍ଡିରେ ରଖିବା ସହ କାଗଜପତ୍ର ଜାଞ୍ଚପାଇଁ ଭୁବନେଶ୍ୱର ଆରଟିଓଙ୍କୁ ଜଣାଇଥିବା ଜଣାପଡିଛି।

## ୧୯ରୁ ଓଡ଼ିଶା ଓ୍ୱେଡିଂ ଏକ୍ସପୋ

**ଭୁବନେଶ୍ୱର,୧୭।୧୦**

ଓଡ଼ିଶା ଓ୍ୱେଡିଂ ଏକ୍ସପୋର ୫ମ ସଂସ୍କରଣ ଚଳିତ ମାସ ୧୯ରୁ ସ୍ଥାନୀୟ ହୋଟେଲ ମେଫେୟାର କନଭେନଶନଠାରେ ଶୁଭାରମ୍ଭ ହେବ। ଦୁଇ ଦିନବ୍ୟାପୀ ଚାଲିବାକୁ ଥିବା ଏହି ଏକ୍ସପୋକୁ ଚାନ୍ଦି ଭଣ୍ଡାର ଉପସ୍ଥାପନ କରୁଛି। ଏକ୍ସପୋର ପରିଚାଳନା ଦାୟିତ୍ୱରେ ଡ୍ରିମ୍‌ଜ କ୍ରିଏଶନ ରହିଛି। ପୂର୍ବାହ୍ନ ୧୧ରୁ ରାତି ୯ଟା ଯାଏ ଏହା ଚାଲିବ। ଏକ୍ସପୋକୁ ଆସୁଥିବା ଲୋକଙ୍କ ଲାଗି କୌଣସି ଚାର୍ଜ ଧାର୍ଯ୍ୟ କରାଯାଇ ନ ଥିବା ଆୟୋଜକଙ୍କ ପକ୍ଷରୁ ସୂଚନା ରହିଛି। ରାଜ୍ୟ ତଥା ରାଜ୍ୟ ବାହାରୁ ଏଥିରେ ବଛାବଛା ୪୫ ଷ୍ଟଲ ଭାଗ ନେବେ। ଫ୍ୟାଶନ, ଲାଇଫଷ୍ଟାଇଲ ଏବଂ ଓ୍ୱେଡିଂ ଆବଶ୍ୟକତା ସଂକ୍ରାନ୍ତ ସମସ୍ତ ସାମଗ୍ରୀ ଗ୍ରାହକମାନେ ଏଠାରେ ଲାଭ କରିପାରିବେ। ଷ୍ଟଲଗୁଡିକ ମଧ୍ୟରେ ବିହାହ ମଣ୍ଡପ, କ୍ୟାଟରିଂ, ଫୁଲହ୍‌ସଜା, ନିମନ୍ତ୍ରଣ କାର୍ଡ, ଉପହାର, ଆଲବମ ମେକର, ଫଟୋଗ୍ରାଫି, ଭିଡ଼ିଓଗ୍ରାଫି, ବିବାହ ପରାମର୍ଶଦାତା, ମେହେନ୍ଦି ଆର୍ଟିଷ୍ଟ, ମେକଅପ ଆର୍ଟିଷ୍ଟ, ଡେକୋରେଟର, ଫର୍ନିଚର, ବୁଟିକ, ବ୍ରାଇଡାଲ କଲେକ୍ସନ, ଗହଣା, ଫ୍ୟାଶନ ଜୁଏଲେରି ଏବଂ ଖାଦ୍ୟପେୟ ଭଳି ଅନେକ ସେଗମେଣ୍ଟରେ ସାମଗ୍ରୀ ଗୋଟିଏ ଛାତତଳେ ଉପଲବ୍ଧ ହେବ। ବିବାହ ସାମଗ୍ରୀ କ୍ରୟ, ଅର୍ଡର ଏବଂ ପରିଦର୍ଶନର ସୁଯୋଗ ଗ୍ରାହକମାନେ ଏଠାରେ ପାଇପାରିବେ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।

## ୧୯୯୬ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ



**ଭୁବନେଶ୍ୱର,୧୭।୧୦(ବ୍ୟୁରୋ)**

ପୁରୁଣା ଭୁବନେଶ୍ୱରସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ୧୯୯୬ ବ୍ୟାଚ୍ ପୁରାତନ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସରସ୍ୱତୀ ମଣ୍ଡପ ପରିସରରେ ଆୟୋଜିତ ଏହି ବନ୍ଧୁମିଳନ ଉତ୍ସବରେ ବହୁ ପୁରାତନ ଛାତ୍ରୀଛାତ୍ର ଯୋଗଦେଇ ସଂଗଠନର ଭବିଷ୍ୟତ କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ୧୯୯୬ ବ୍ୟାଚ୍‌ର ୩ ସହପାଠୀଙ୍କ ବିୟୋଗରେ ଶୋକ ପ୍ରାର୍ଥନା କରାଯିବା ସହ ୧୦୧ ଚାରା ରୋପଣ କରାଯାଇଥିଲା। ପ୍ରତିବର୍ଷ ଏପରି ବନ୍ଧୁମିଳନ ଆୟୋଜନ କରିବା ସହ ସାମାଜିକ କାର୍ଯ୍ୟକ୍ରମ ଆୟୋଜନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

## ■ହାଜତ ଗ୍ରୀଲ୍ ଭାଙ୍ଗି ୩ ଫେରାର

# ୩ଘଣ୍ଟା ପରେ ଧରାହେଲେ ୨

**ବାରଙ୍ଗ, ୧୭।୧୦(ଡି.ଏନ୍.ଏ.)**

ଅନ୍ଧାରର ସୁଯୋଗ ନେଇ ଗୁରୁବାର ନନ୍ଦନକାନନ ଆଦର୍ଶଥାନା ହାଜତର ଗ୍ରୀଲଭାଙ୍ଗି ୩ ଯୁବକ ଖସିଯାଇଥିଲେ। ଖସିଯାଇଥିବା ଯୁବକମାନଙ୍କୁ ଧରିବାକୁ ପୋଲିସକୁ ପ୍ରାୟ ୩ ଘଣ୍ଟାକାଳ କସରତ କରିବାକୁ ପଡିଥିଲା। ଶେଷରେ ଫେରାର ହୋଇଯାଇଥିବା ତିନିଜଣଙ୍କ ମଧ୍ୟରୁ ପୋଲିସ ହାତରେ ଦୁଇଜଣ ଧରାପଡିଥିବାବେଳେ ଅନ୍ୟଜଣେ ଫେରାର ହୋଇଯାଇଛନ୍ତି।

ରଘୁନାଥପୁର ଗ୍ରାମର ନୀଳକଣ୍ଠ ରାଉତ ନାମକ ବ୍ୟକ୍ତି କରିଥିବା ପ୍ରୋଜେକ୍ଟରୁ ପାଣିପାଇପ ଓ ଟ୍ୟାପ ଚୋରି ହୋଇଥିବା ନେଇ ନନ୍ଦନକାନନ ଥାନାରେ ଅଭିଯୋଗ ହୋଇଥିଲା। ଏନେଇ ପୋଲିସ ନଂ୧୦୫/୧୯ରେ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ଏହି ଘଟଣାରେ ପୋଲିସ ଇନଫୋସିସ୍ ଥାନା ଅନ୍ତର୍ଗତ ଶିଖରଚଣ୍ଡୀ ନଗରରୁ ୩ଜଣଙ୍କୁ ବୁଧବାର ରାତିରେ ଅଟକ ରଖି ପଚରାଉଚୁରା କରୁଥିଲା। ଗୁରୁବାର ଅପରାହ୍ନରେ ନନ୍ଦନକାନନ ଅଞ୍ଚଳରେ ବିଦ୍ୟୁତ୍ ସରବରାହ ବନ୍ଦ ଥିବାବେଳେ ନନ୍ଦନକାନନରେ ପାଟିତୁଣ୍ଡ ହୋଇଥିବାର ଖବର ଥାନାକୁ ଆସିଥିଲା। ଏହି ଖବରପାଇ ଥାନାରେ ଥିବା ସମସ୍ତ କର୍ମଚାରୀ ନନ୍ଦନକାନନ ମଧ୍ୟକୁ ଯାଇଥିବାବେଳେ ସେଣ୍ଟ୍ରି ଦାୟିତ୍ୱରେ ଥିବା କର୍ମଚାରୀ ସହ ଅନ୍ୟଜଣେ କର୍ମଚାରୀ ରହିଥିଲେ। ସେଠାରୁ ଫେରିବା ପରେ ହାଜତରେ ଥିବା ୩ଜଣ ଯୁବକ ଫେରାର ହୋଇଯାଇଥିବା ଥାନାଧିକାରୀ ପରମାନନ୍ଦ ନାୟକ ଦେଖିବାକୁ ପାଇଥିଲେ। ହାଜତରେ ଲାଗିଥିବା ଲୁହା ଗ୍ରୀଲର ୨ଟି ରଡ ଭଙ୍ଗା ଯାଇଥିବା ଦେଖିବାକୁ ମିଳିଥିଲା। ଅନ୍ଧାର ଯୋଗୁ ଏପରି ହେଲା ବୋଲି ଥାନା ଅଧିକାରୀ ନାୟକ କହିଛନ୍ତି।

## ଜିଲାପାଳଙ୍କ ସ୍କୁଲ, ଅଙ୍ଗନଓ୍ୱାଡି କେନ୍ଦ୍ର ପରିଦର୍ଶନ

**ପାତ୍ରପଡା, ୧୭। ୧୦ (ଡି.ଏନ.ଏ.)**

ଖୋର୍ଦ୍ଧା ଜିଲାପାଳ ସୀତାଂଶୁ କୁମାର ରାଉତ ଗୁରୁବାର ଭୁବନେଶ୍ୱର ବ୍ଲକ ତମାଣ୍ଡୋ ପଞ୍ଚାୟତର ସରକାରୀ ପ୍ରାଇମେରୀ ସ୍କୁଲ ଓ ଅଙ୍ଗନଓ୍ୱାଡି କେନ୍ଦ୍ର ପରିଦର୍ଶନ କରିଥିଲେ। ଅଙ୍ଗନଓ୍ୱାଡି କେନ୍ଦ୍ରରେ ପିଲା ସଂଖ୍ୟା କେତେ ଉପସ୍ଥିତ ଅଛନ୍ତି, ପିଲାମାନଙ୍କୁ କିଭଳି ଖାଦ୍ୟ ଦିଆଯାଉଛି, ସେ ବିଷୟରେ ଅଙ୍ଗନଓ୍ୱାଡି କେନ୍ଦ୍ରର କର୍ମୀ ଓ ସହାୟିକାଙ୍କୁ ପଚାରି ବୁଝିଥିଲେ। ତମାଣ୍ଡୋ ନୂଆସାହି ମଡେଲ ଅଙ୍ଗନଓ୍ୱାଡି କେନ୍ଦ୍ରରୁ ଏଭଳି ତନଖି କରିବା ପରେ ଜିଲାପାଳ ନିକଟସ୍ଥ ପ୍ରାଇମେରୀ ବିଦ୍ୟାଳୟକୁ ଯାଇଥିଲେ। ସେଠାରେ ପିଲାମାନଙ୍କ ପାଇଁ ଦିଆଯାଉଥିବା ଖାଦ୍ୟର ମାନ ଯାଞ୍ଚ କରିବା ସହ ବିଦ୍ୟାଳୟର ପିଲା ସଂଖ୍ୟା, ଉପସ୍ଥାନ ଖାତାରେ ଦର୍ଶାଯାଇଥିବା ଛାତ୍ରୀଛାତ୍ରଙ୍କ ସଂଖ୍ୟା ଓ କେତେ ସଂଖ୍ୟକ ଖାଦ୍ୟ ପରିବେଷଣ ପାଇଁ ବ୍ୟବସ୍ଥା ହୋଇଛି, ସେ ସବୁ ବିଷୟରେ ଯାଞ୍ଚ କରିଥିଲେ।

## ଲକ୍ଷ୍ମୀପୂଜା ମଣ୍ଡପ ବୁଲିଲେ ମନ୍ତ୍ରୀ

**ପୁରୁଣା ଭୁବନେଶ୍ୱର, ୧୭। ୧୦ (ଡି.ଏନ.ଏ.)**

ମା' ଦୁର୍ଗାଙ୍କ ପରେ ଏବେ ଧନଦାତ୍ରୀ ଗଜଲକ୍ଷ୍ମୀଙ୍କ ମୃଣ୍ମୟୀ ମୂର୍ତ୍ତି ବିଭିନ୍ନ ମଣ୍ଡପରେ ବିରାଜିତ। ଗୁରୁବାର ଭୁବନେଶ୍ୱର ବ୍ଲକ ଅଧୀନ ୬ ପଞ୍ଚାୟତର ବିଭିନ୍ନ ଲକ୍ଷ୍ମୀପୂଜା ମଣ୍ଡପ ବୁଲିଥିଲେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା। ମଣ୍ଡପର କର୍ମକର୍ତ୍ତାଙ୍କ ପ୍ରଶଂସା କରିଥିଲେ। ଜୟପୁର, ଇଟିପୁର, ଡ଼ିହପୁର, କଲ୍ୟାଣପୁର, କୁକୁଡ଼ାଘାଇପାଟଣା, ନୂଆଗାଁ, ନାଥପୁର, ଧଉଳି ଆଦି ଅଞ୍ଚଳରେ ଥିବା ଲକ୍ଷ୍ମୀପୂଜା ମଣ୍ଡପ ବୁଲିଥିଲେ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ସାମାଜିକ କର୍ମୀ ସୁବାସ ସୁନ୍ଦରାୟ, ଲିଙ୍ଗିପୁର ସରପଞ୍ଚ ଗଜେନ୍ଦ୍ର ସାହୁ, ସମିତିସଭ୍ୟ ରୀନାରାଣୀ ବେହେରା, ହେମନ୍ତ ପ୍ରଧାନ, ହରେକୃଷ୍ଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## ■ଇନ୍‌ସ୍ୟୁରାନ୍ସ ଠକେଇ ରୋକିବା ସଂକ୍ରାନ୍ତ ବୈଠକ

# ତଦନ୍ତର ବିଭିନ୍ନ ଦିଗ ଉପରେ ଆଲୋଚନା

**ଭୁବନେଶ୍ୱର, ୧୭।୧୦(ବ୍ୟୁରୋ)**

ଦିନକୁ ଦିନ ଇନ୍ସ୍ୟୁରାନ୍ସ ଠକେଇ ବଢ଼ିବାରେ ଲାଗିଛି। ଏହାକୁ କିଭଳି ରୋକିହେବ ସେନେଇ ଆଇସିଆଇସିଆଇ ପ୍ରୁଡେନ୍‌ସିଆଲ ଲାଇଫ୍ ଇନ୍ସ୍ୟୁରାନ୍ସ ପକ୍ଷରୁ ଶହୀଦନଗର ଥାନାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଇନ୍ସ୍ୟୁରାନ୍ସ ସଂସ୍ଥାର ପୂର୍ବାଞ୍ଚଳ ସିନିୟର ମ୍ୟାନେଜର ଆଶୁତୋଷ ସିଂ, ଜୋନ୍ ଏସିପି ଅନିଲ ମିଶ୍ର, ଶହୀଦନଗର ଥାନା ଅଧିକାରୀ ବିରଞ୍ଚି ନାରାୟଣ ପତି, ନୟାପଲ୍ଲୀ ଥାନା ଅଧିକାରୀ ଅରୁଣ କୁମାର ସ୍ୱାଇଁ, ମଞ୍ଚେଶ୍ୱର ଥାନା ଅଧିକାରୀ ଜିତେନ୍ଦ୍ରନାଥ ସେଠୀ ପ୍ରମୁଖ ଯୋଗଦେଇଥିଲେ। ଇନ୍ସ୍ୟୁରାନ୍ସ ଠକେଇର କାରଣ, ଏହାକୁ ରୋକିବା ଓ ପୋଲିସର ତଦନ୍ତ କିଭଳି ହେବ ସେନେଇ ମ୍ୟାନେଜର ସିଂ ବୁଝାଇଥିଲେ। ଅନେକ ସମୟରେ ଲୋକେ ଇନ୍ସ୍ୟୁରାନ୍ସ ପାଇଁ ନିଜର ଭୁଲ୍ ତଥ୍ୟ ଦେଇଥାନ୍ତି। ତେଣୁ ଏଭଳି କ୍ଷେତ୍ରରେ ପୋଲିସ ତଦନ୍ତ କିଭଳି ହେବ ସେନେଇ ବିସ୍ତୃତ ଆଲୋଚନା କରାଯାଇଥିଲା। ଏହାକୁ ରୋକିବା ପାଇଁ ଏଜେଣ୍ଟଙ୍କ ବିଷୟରେ ତଥ୍ୟ ସଂଗ୍ରହ କରାଯିବ। ଏପରି କି କେଉଁ ଅଞ୍ଚଳରୁ ଅଧିକ ଇନ୍ସ୍ୟୁରାନ୍ସ କ୍ଲେମ ଆସିଛି ତାହାକୁ ଯାଞ୍ଚ କରାଯିବା ଆବଶ୍ୟକ। ଏହାସହ ଯେଉଁ ସ୍ଥାନରେ ଠକେଇ ହୋଇଥିବା ଜଣାପଡ଼ିବ ସେନେଇ ପୋଲିସ ଇନ୍ସ୍ୟୁରାନ୍ସ ସଂସ୍ଥାକୁ ଜଣାଇବା ଉଚିତ ବୋଲି କୁହାଯାଇଥିଲା।

# ବେଆଇନ ମୋରମ ଚାଲାଣ ବନ୍ଦ ଦାବି

**ବାରଙ୍ଗ, ୧୭।୧୦(ଡି.ଏନ୍.ଏ.)**

ଚନ୍ଦକାରାଜସ୍ୱ କାର୍ଯ୍ୟାଳୟଠାରୁ ମାତ୍ର ଅଳ୍ପଦୂରରେ ଚାଲିଛି ମୋରମ ଚୋରାଚାଲାଣ। ପ୍ରତ୍ୟହ ଶହଶହ ଟ୍ରକ୍ ମୋରମ ଅନ୍ଧାରୁଆ, ଦାସପୁର ମୌଜାରେ ଥିବା ସରକାରୀ ଜାଗାରୁ ଚୋର ଚାଲଣ ହେଉଛି। ଏହାଦ୍ୱାରା ସରକାରଙ୍କର ଲକ୍ଷାଧିକ ଟଙ୍କାର ରାଜସ୍ୱ କ୍ଷତି ହେଉଛି। ଏହି ବେଆଇନଭାବେ ମୋରମ ଚୋରାଚାଲାଣ ବିଷୟରେ ଗୁରୁବାର ଅନ୍ଧାରୁଆ ସରପଞ୍ଚ ଦିଲୀପ ତରାଇ ଭୁବନେଶ୍ୱର ତହସିଲଦାରଙ୍କୁ ଲିଖିତ ଅଭିଯୋଗ କରିବାସହ ଚୋରାଚାଲାଣକୁ ବନ୍ଦ କରିବାର ବ୍ୟବସ୍ଥା କରିବାକୁ ନିବେଦନ କରିଛନ୍ତି ।

ଗତ କିଛି ମାସ ହେବ ଅନ୍ଧାରୁଆ ପଞ୍ଚାୟତ ଅଧୀନରେ ଥିବା ବିଭିନ୍ନ ମୌଜାରୁ ବେଆଇନଭାବେ ମୋରମ ଉଠୁଥିବାରୁ ପଞ୍ଚାୟତବାସୀଙ୍କ ମଧ୍ୟରେ କ୍ଷୋଭ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ପଞ୍ଚାୟତ ବୈଠକରେ ମଧ୍ୟ ଆଲୋଚନା ହେବା ସହ ବେଆଇନ ମୋରମ ଚାଲାଣକୁ ବନ୍ଦ କରିବା ପାଇଁ ସରକାରଙ୍କୁ ଜଣାଇବାକୁ ନିଷ୍ପତ୍ତି ହୋଇଥିଲା। ଏହି ନିଷ୍ପତ୍ତିବଳରେ ସରପଞ୍ଚ ଗୁରୁବାର ତହସିଲଦାରଙ୍କ ଦୃଷ୍ଟିଆକର୍ଷଣ କରିବା ସହ ବିହିତ ପଦକ୍ଷେପ ନେବାକୁ ଦାବି କରିଛନ୍ତି।

## ରାଜେଶ ଟଚ୍‌ରିଭରଙ୍କୁ ଓଡ଼ିଶା ସିନେକ୍ରିଟିକ୍ ଆସୋସିଏଶନର ସମ୍ବର୍ଦ୍ଧନା



ନିର୍ଦ୍ଦେଶକ ରାଜେଶ ଟଚ୍‌ରିଭରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ଭୁବନେଶ୍ୱର,୧୭।୧୦(ବ୍ୟୁରୋ)**

କୋଲକାତା ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ ଏବଂ ମୁମ୍ବାଇଠାରେ ଆୟୋଜିତ ହେବାକୁ ଥିବା ଲିଫ୍ଟ ଇଣ୍ଡିଆ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବରେ ଓଡ଼ିଆ ଚଳଚ୍ଚିତ୍ର 'ପାଟଣାଗଡ଼' ପ୍ରଦର୍ଶିତ ହେବାକୁ ମନୋନୀତ ହୋଇଛି। ଏହା ଓଡ଼ିଶା ପାଇଁ ଏକ ଗୌରବର ବିଷୟ ହୋଇଥିବାବେଳେ ଫିଲ୍ମର ନିର୍ଦ୍ଦେଶକ ରାଜେଶ ଟଚ୍‌ରିଭରଙ୍କୁ ଓଡ଼ିଶା ସିନେକ୍ରିଟିକ ଆସୋସିଏଶନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଜଣେ ସଫଳ ନିର୍ଦ୍ଦେଶକ ଭାବେ ଟଚ୍‌ରିଭର ଏଯାବତ ୧୮ ଆନ୍ତର୍ଜାତିକ ଓ ୪ ଜାତୀୟ ସମ୍ମାନରେ ସମ୍ମାନିତ ହୋଇସାରିଛନ୍ତି। ସିନେକ୍ରିଟିକ୍ ଆସୋସିଏଶନ ପକ୍ଷରୁ ସଭାପତି ପ୍ରଦୋଷ ପଟ୍ଟନାୟକ, ସମ୍ପାଦକ ଦିଲୀପ ହାଲି, ରବୀନ୍ଦ୍ର ବିଶ୍ୱାଳ ଓ 'ପାଟଣାଗଡ଼' ଚଳଚ୍ଚିତ୍ରର ପ୍ରଯୋଜକ ଶ୍ରୀଧର ମାର୍ଥା ଉପସ୍ଥିତ ରହି ଟଚ୍‌ରିଭରଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

## ■ଚତୁଃପାର୍ଶ୍ୱ ଜବରଦଖଲ ଉଚ୍ଛେଦ ସର୍ଭେ ପ୍ରକ୍ରିୟା ତୃତୀୟ ଦିନରେ

# ମିଳିତ ଟିମ୍‌ରେ ସାମିଲ ନାହିଁ ଏଏସ୍‌ଆଇ

**ପୁରୁଣା ଭୁବନେଶ୍ୱର, ୧୭। ୧୦ (ଡି.ଏନ.ଏ.)**

**ଶ୍ରୀଲିଙ୍ଗରାଜ ମନ୍ଦିର**

ଦେବୋତ୍ତର ବିଭାଗ ଓ ଏଏସ୍‌ଆଇ ଏକାମ୍ର କ୍ଷେତ୍ରର ବିକାଶ ପାଇଁ ପରସ୍ପରକୁ ଦୋଷାରୋପ କରୁଥିଲେ। ଏବେ ଏଏସ୍‌ଆଇ କର୍ତ୍ତୃପକ୍ଷଙ୍କୁ ବିଶ୍ୱାସକୁ ନ ନେଇ ବିଡିଏ, ବିଏମ୍‌ସି, ଜିଏ ଓ ମନ୍ଦିର ପ୍ରଶାସନ ପକ୍ଷରୁ ଶ୍ରୀଲିଙ୍ଗରାଜ ମନ୍ଦିର ଚତୁଃପାର୍ଶ୍ୱରୁ ଜବରଦଖଲ ଉଚ୍ଛେଦ ଚିହ୍ନଟରେ ଏକ ପ୍ରକାର ଅନିଶ୍ଚିତତା ଦେଖାଦେଇଛି। ଦେବୋତ୍ତର ଆୟୁକ୍ତ ମିଳିତ ଭାବେ ଜବରଦଖଲ ହଟାଯିବା ନେଇ ଚିହ୍ନଟ ପ୍ରକ୍ରିୟାରେ ସହଯୋଗ ନେଇ ଏଏସ୍‌ଆଇ ଅଧୀକ୍ଷକଙ୍କୁ ଚିଠି କରାଯିବା ପରେ ପ୍ରଶାସନ ଏକରକମ ତତ୍ପର ହୋଇଉଠିଛି। ଲଗାତର ତୃତୀୟ ଦିନରେ ଶ୍ରୀଲିଙ୍ଗରାଜ ମନ୍ଦିର ଚତୁଃପାର୍ଶ୍ୱ ଉଚ୍ଛେଦ ପାଇଁ ଚିହ୍ନଟ ପ୍ରକ୍ରିୟା ଜାରି ରହିଥିଲା। ଏହି ମିଳିତ ଟିମ୍‌ରେ କେବଳ ହାତ ଗଣତି ଅମିନ ଓ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କୁ ଦେଖିବାକୁ ମିଳିଥିଲା। ଏଭଳି ଚିହ୍ନଟ ପ୍ରକ୍ରିୟା ଦେଖି ବୁଦ୍ଧିଜୀବୀମାନେ ଏହା ପ୍ରଶାସନର ଭେଳିକି ବୋଲି କହୁଛନ୍ତି। ଶ୍ରୀଲିଙ୍ଗରାଜ ମନ୍ଦିର ଚତୁଃପାର୍ଶ୍ୱ ଉଚ୍ଛେଦ ହେବାକୁ ଥିବା ନିର୍ମାଣ ମଧ୍ୟରୁ ବିଏମ୍‌ସି ହସ୍ପିଟାଲ ଓ କେତେଗୋଟି ସରକାରୀ କାର୍ଯ୍ୟାଳୟ ମଧ୍ୟ ରହି ଯାଉଛି। ଏବେ ବିଡିଏ ନିର୍ମାଣ କଟକଣା ବିଏମ୍‌ସି ପାଇଁ ଅଡୁଆ ସୃଷ୍ଟି କରିଛି। ୨୦୦୮ ନିୟମ ଓ ପରବର୍ତ୍ତୀ ସମୟର ୨୦୧୮ରେ ସର୍ବସମ୍ମତିକ୍ରମେ ପାରିତ ହୋଇଥିବାର ବିଶେଷକରି ଶ୍ରୀଲିଙ୍ଗରାଜ ମନ୍ଦିରଠାରୁ ୧୦୦ମିଟର ମଧ୍ୟରେ କୌଣସି ନିର୍ମାଣ ଆଦି ହେବନାହିଁ ବୋଲି ଉଲ୍ଲେଖ ଥିଲା। ସେହିଭଳି ଶ୍ରୀଲିଙ୍ଗରାଜ ମନ୍ଦିର ଉତ୍ତରଦ୍ୱାର ପଟେ ଅନେକ ବେଆଇନ ନିର୍ମାଣ ଦ୍ୱାରା ବିନ୍ଧ୍ୟବାସିନୀ, ଶୁଆଶାରୀ, ଶାରୀ ଭବାନୀ ମନ୍ଦିର ସମେତ ଅନେକ ଛୋଟବଡ଼ ମନ୍ଦିର ଲୁକ୍କାୟିତ ଅବସ୍ଥାରେ ରହିଛି। ପଶ୍ଚିମପଟ ପାପନାଶିନୀ କୁଣ୍ଡ ସମେତ ମଠ, ମନ୍ଦିର, ଜବରଦଖଲକାରୀଙ୍କ କବ୍‌ଜାରେ ରହିଛି। ଜବରଦଖଲ ଉଚ୍ଛେଦ ଚିହ୍ନଟ ପ୍ରକ୍ରିୟା ନେଇ ଏଏସ୍‌ଆଇ ସୁପରିଣ୍ଟେଣ୍ଡେଣ୍ଟ ଅରୁଣ ମଲ୍ଲିକଙ୍କୁ ପଚାରିବାରେ ସେ କହିଲେ, ଯଦି ମିଳିତ ଟିମ୍‌ର ପ୍ରତ୍ନତତ୍ତ୍ୱ ନିରୀକ୍ଷଣ କରିବାର କ୍ଷମତା ଥିବ ତେବେ ଏଏସ୍‌ଆଇର ଆବଶ୍ୟକତା ନ ଥିବା ନେଇ ସେମାନେ ଆମକୁ ଜଣାଇନାହାନ୍ତି। ହଜାରେ ମନ୍ଦିର ଥିବା ଏହି ମନ୍ଦିର ମାଳିନୀ ସହରରେ ଏବେ ମାତ୍ର ହାତଗଣତି କେତୋଟି ମନ୍ଦିର ଲୋକଲୋଚନରେ ରହିଛି। ନିକଟରେ ମନ୍ଦିର ଅଫିସ୍ ଏବଂ ଥାନା ପରିସରରେ ମଧ୍ୟ ଖନନ ସମୟରେ ସୂକ୍ଷ୍ମ କାରୁକାର୍ଯ୍ୟ ଥିବା ମନ୍ଦିର ଉଦ୍ଧାର କରାଯାଇଛି। କୌଣସି କାରଣରୁ ଖନନ କାର୍ଯ୍ୟ ଆଗେଇ ପାରିନି। ମାତ୍ର ଅନେକ ମନ୍ଦିର ମାଟି ତଳେ ପୋତି ହୋଇ ରହିବାର ଆଶା କରାଯାଏ। ଏଏସ୍‌ଆଇ ଅଧୀକ୍ଷକଙ୍କ ଏହି ମତାମତ ନେଇ ଉଚ୍ଛେଦ କେବଳ ସୌନ୍ଦର୍ଯ୍ୟ କରଣ ନିମନ୍ତେ ନା ଅତୀତ ଗୌରବ ଓ କଳାକୃତି ମାଟିତଳୁ ଉଦ୍ଧାର ହେବା ନିମନ୍ତେ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଗୋଟିଏ ମାତ୍ର ଜାତି ଅଛି, ତାହା ମାନବ ଜାତି। ଗୋଟିଏ ମାତ୍ର ଧର୍ମ ଅଛି, ତାହା ପ୍ରେମ ଧର୍ମ। ଗୋଟିଏ ମାତ୍ର ଭାଷା ଅଛି, ତାହା ହୃଦୟର ଭାଷା। ଜଣେ ମାତ୍ର ଈଶ୍ୱର ଅଛନ୍ତି ସେ ସର୍ବବ୍ୟାପୀ। -ସତ୍ୟସାଇ ବାବା



## ସଂକ୍ଷେପରେ

### ସୁନାଖଳାରେ ମା' ଗଜଲକ୍ଷ୍ମୀଙ୍କ ଭସାଣି



**ସାଲେପୁର,୧୭।୧୦ (ଡି.ଏନ୍.ଏ):** ସାଲେପୁର ବ୍ଲକ୍ ଅଧୀନ ଗୁଜରପୁର ପଞ୍ଚାୟତ ସୁନାଖଳା ଗ୍ରାମରେ ଚାଲିଥିବା ମା'ଗଜଲକ୍ଷ୍ମୀଙ୍କ ପୂଜା ଭସାଣି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ତିନିଦିନ ଧରି ଚାଲିଥିବା ଏହି ପୂଜାରେ କମିଟି ପକ୍ଷରୁ ଯଥାବିଧି ଅନୁସାରେ ମା'ଙ୍କ ପୂଜାର୍ଚ୍ଚନା ହୋଇଥିଲା। ଏହି ଅବସରରେ ସନ୍ଧ୍ୟାରେ କମିଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। କାର୍ଯ୍ୟକ୍ରମକୁ କମିଟିର ସଭାପତି କୈଳାସ ଚନ୍ଦ୍ର ସାହୁ, ସମ୍ପାଦକ ସନାତନ ମହାରଣା, ମନୋରଞ୍ଜନ ମହାରଣା, ଦେବେନ୍ଦ୍ର ମହାରଣା, ଅଲେଖ ମହାରଣା ଓ ଜୟନ୍ତ ମହାରଣା ପ୍ରମୁଖ ପରିଚାଳନା କରିଥିଲେ।

### ପ୍ରକଳ୍ପ ଉଦ୍‌ଘାଟନ, ଶିଳାନ୍ୟାସ କାର୍ଯ୍ୟକ୍ରମ

**ନିଶ୍ଚିନ୍ତକୋଇଲି/ନେମାଳୋ, ୧୭।୧୦ (ସ୍ୱ.ପ୍ର.):** ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନା ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ ଦାଉଦପୁର ପଞ୍ଚାୟତ ଗସ୍ତ କରି ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ କରିବା ସହ ଗୋଟିଏ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ଏହି ଅବସରରେ ସେ ପଞ୍ଚାୟତରେ ୬ଟି ଉଜ୍ଜ୍ୱଳ ଆଲୋକ ପ୍ରକଳ୍ପର ଲୋକାର୍ପଣ କରିବା ସହ ବୋଧଙ୍ଗ ଗ୍ରାମରେ ଏକ ନୂତନ ପାର୍କ ପାଇଁ ଶିଳାନ୍ୟାସ କରିଥିଲେ। ଏହି ଶିଳାନ୍ୟାସ ଉତ୍ସବରେ ବ୍ଲକ ଅଧକ୍ଷା ସବିତା ଓଝା, ଜିଲାପରିଷଦ ସଭ୍ୟା ଗୀତାଞ୍ଜଳି ପଣ୍ଡା, ସବିତା ସାମଲ, ସରପଞ୍ଚ ଝରଣା ସାହୁ, ସମିତି ସଭ୍ୟା ମମତା ମଞ୍ଜରୀ ନାୟକ ପ୍ରମୁଖ ଯୋଗଦେଇଥିଲେ। ଏଥିସହ ସେ ନଇଗୁଆଁ ଦାଉଦପୁର ଉଚ୍ଚ ବିଦ୍ୟାଳୟ ପରିସରରେ ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ସାମାଜିକ କର୍ମୀ ହିମାଂଶୁ ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବ୍ଲକ ବିଜେଡି ସଭାପତି ରମାକାନ୍ତ ମହାନ୍ତି, ଯୁବନେତା ଅଶୋକ ଓଝା, ଯୁବ ବିଜେଡି ସଭାପତି ମିହିର ମିଶ୍ର, ପ୍ରାକ୍ତନ ବ୍ଲକ ଅଧକ୍ଷ ଗିରିଶ ମହାପାତ୍ର ଓ ତରତ ସମିତି ସଭ୍ୟ ପ୍ରମୋଦ ପରିଡା ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ୪୩୨ ଜଣ ସ୍ୱେଚ୍ଛାସେବୀ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ।

### ଡିଭାଇଡର ଉପରେ ମାଡ଼ିଗଲା ଟ୍ରକ୍

**କଟକ ସଦର,୧୭।୧୦(ଡି.ଏନ୍.ଏ.):** କଟକ-ପାରାଦୀପ ଜାତୀୟ ରାଜପଥ ନଂ. ୫୫ର ପୁରୁଣା ଟୋଲଗେଟରେ ଥିବା ଡିଭାଇଡର ଉପରେ ଏକ ଟ୍ରକ ଗୁରୁବାର ସକାଳେ ମାଡ଼ିଯାଇଥିଲା। ଫଳରେ ଉକ୍ତ ରାସ୍ତାରେ କିଛି ସମୟ ପାଇଁ ଯାନବାହନ ଚଳାଚଳରେ ବାଧା ସୃଷ୍ଟି ହୋଇଥିଲା। ଖବରପାଇ କନ୍ଦରପୁର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଟ୍ରକକୁ ଜବତ କରିବା ସହ ଡ୍ରାଇଭରଙ୍କୁ ପଚରାଉଚରା କରିଥିଲା। ୨ବର୍ଷ ହେବ ଟୋଲଗେଟଟି ଅନ୍ୟ ସ୍ଥାନକୁ ସ୍ଥାନାନ୍ତରିତ ହୋଇଥିଲେ ମଧ ଅର୍ଥ ଆଦାୟ ଗୃହ, ଡିଭାଇଡର ସହ ହମ୍ପସକୁ ହଟା ଯାଉନାହିଁ। ଫଳରେ ଦୈନନ୍ଦିନ ଦୁର୍ଘଟଣା ଘଟୁଥିବା ଜଣାପଡ଼ିଛି।

## ■ ବାଙ୍କୀ ମହୋତ୍ସବ ଉଦ୍‌ଯାପିତ

# ସାମାଜିକ ସଂସ୍କାରରେ ବାଙ୍କୀର ଅବଦାନ ଅନନ୍ୟ

**ବାଙ୍କୀ, ୧୭।୧୦ (ସ୍ୱ.ପ୍ର.)**



ବାଙ୍କୀ ମହୋତ୍ସବର ଉଦ୍‌ଯାପନୀ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

ଗତ ୧୩ତାରିଖରୁ ଆରମ୍ଭ ହୋଇଥିବା ବାଙ୍କୀ ମହୋତ୍ସବ ଗୁରୁବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ରାଜ୍ୟ ସୂଚନା ଓ ପ୍ରଯୁକ୍ତି ମନ୍ତ୍ରୀ ତୁଷାରକାନ୍ତ ବେହେରା ଯୋଗଦେଇ ସଂସ୍କୃତି, ସାହିତ୍ୟ ଓ ସାମାଜିକ ସଂସ୍କାରରେ ବାଙ୍କୀର ଅବଦାନ ଅନନ୍ୟ ବୋଲି କହିଥିଲେ। ବାଙ୍କୀ ମହୋତ୍ସବ ଏହି ଅଞ୍ଚଳର ଲୁକ୍କାୟିତ ପ୍ରତିଭାମାନଙ୍କୁ ଲୋକଲୋଚନକୁ ଆଣିବା ସହ ଏହାର ଋଦ୍ଧିମନ୍ତ ଐତିହ୍ୟ ଓ ପରମ୍ପରା ସମ୍ପର୍କରେ ଭବିଷ୍ୟତ ପିଢିଙ୍କୁ ଅବଗତ କରାଇବାରେ ସହାୟକ ହେବ ବୋଲି ସେ ମତବ୍ୟକ୍ତ କରିଥିଲେ। ସଂସ୍କୃତ ବିଶେଷଜ୍ଞ ଓ ସାହିତ୍ୟିକ ଡ.କୃଷ୍ଣକେଶବ ଷଡ଼ଙ୍ଗୀ ମୁଖ୍ୟବକ୍ତାଭାବେ ଯୋଗଦେଇ ଏହି ମହୋତ୍ସବ ବାଙ୍କୀ ମାଟିର ଇତିହାସରେ ଏକ ଅବିସ୍ମରଣୀୟ ଦିବସ। ବାଙ୍କୀ ସାଂସ୍କୃତିକ ନବଜାଗରଣର ଏହା ଏକ ସ୍ମାରକ ମହୋତ୍ସବ ବୋଲି ସେ କହିଥିଲେ । ବରିଷ୍ଠ ଗ୍ରନ୍ଥକାର ଅରୁଣ ପଣ୍ଡା ସମ୍ମାନିତ ଅତିଥିଭାବେ ଯୋଗଦେଇ ଅନେକ ଯଶସ୍ୱୀ, ବିଦ୍ୱାନ ଓଡ଼ିଆ ଭାଷା ଓ ସଂସ୍କୃତି ପାଇଁ କାର୍ଯ୍ୟକରିଥିବା ମହାମନୀଷୀ ଓ ପ୍ରବୀଣ ସଂଗଠକମାନଙ୍କୁ ଜନ୍ମଦେଇ ବାଙ୍କୀ ଆଜି ଗର୍ବିତ ବୋଲି ମତବ୍ୟକ୍ତ କରିଥିଲେ। ଓଡ଼ିଶାର ସାଂସ୍କୃତିକ, ଐତିହ୍ୟ ଓ ମନୋରମ ପରମ୍ପରାକୁ ଉଜ୍ଜୀବିତ କରି ରଖିବା ନିମନ୍ତେ ବାଙ୍କୀ ମହୋତ୍ସବ ମାଧ୍ୟମରେ ଅନନ୍ୟ ପ୍ରୟାସ କରାଯାଇଛି ବୋଲି ସେ କହିଥିଲେ। କଟକ ଜିଲା ଗ୍ରାମାଞ୍ଚଳ ଏସ୍‌ପି ରାଧାବିନୋଦ ପାଣିଗ୍ରାହୀ, ବାଙ୍କୀ ତହସିଲଦାର ପଦ୍ମଚରଣ ସାହୁ, ବାଙ୍କୀ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ବିନୟ ରଞ୍ଜନ ମହାପାତ୍ର ଓ ସଂଗଠକ ସମ୍ପାଦକ ସୁବାସ ସ୍ୱାଇଁ ଏଥିରେ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ।

ମହୋତ୍ସବ ସଭାପତି ପ୍ରଭାତ କୁମାର ତ୍ରିପାଠୀ ଉଦ୍‌ଯାପନୀ ଉତ୍ସବରେ ଅଧକ୍ଷତା କରି ୫ ଦିନ ବ୍ୟାପୀ ଚାଲିଥିବା ଏହି ମହୋତ୍ସବ ଶାନ୍ତିଶୃଙ୍ଖଳାର ସହ ସମାପ୍ତ ହୋଇଛି ବୋଲି କହିଥିଲେ। ମହୋତ୍ସବକୁ ବାଙ୍କୀ, ବାରଙ୍ଗ ତଥା ଆଠଗଡ ଅଞ୍ଚଳର ବହୁ ଜନସାଧାରଣ ଉପଭୋଗ କରିଥିଲେ। ଏହି ଅବସରରେ ସାମାଜିକ କର୍ମୀ ଗୌତମ ମିଶ୍ର, ଡାକ୍ତର ରାଜକିଶୋର ସାହୁ, ସଂକୀର୍ତ୍ତନ ଗାୟକ ନରୋତ୍ତମ ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମକୁ ଏନ୍‌ସିସି ଅଫିସର ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ ପରିଚାଳନା କରିଥିଲେ। ପରେ କବୟିତ୍ରୀ ସଂଯୁକ୍ତା ମଲ୍ଲିକଙ୍କ ପୁସ୍ତକ 'ସାଇତା ସ୍ୱପ୍ନ'ଉନ୍ମୋଚନ କରାଯାଇଥିଲା। ମହୋତ୍ସବ ସମ୍ପାଦକ ଡ. ଗଣେଶ୍ୱର ସ୍ୱାଇଁ ସ୍ୱାଗତ ଭାଷଣ ଓ ଉପସଭାପତି ସୂର୍ଯ୍ୟନାରାୟଣ ପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନତମ ଉପସଭାପତି ସନାତନ ବେହେରା ସ୍ୱତନ୍ତ୍ର ସମ୍ବର୍ଦ୍ଧନା କାର୍ଯ୍ୟ ପରିଚାଳନା କରିଥିଲେ। ଶେଷରେ ମହୋତ୍ସବ ସଂଗଠକ ସୁକାନ୍ତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଥିବାରୁ ବାଙ୍କୀ ଥାନା ଅଧିକାରୀ ସମୀର କୁମାର ପଣ୍ଡା ଓ ଉପଖଣ୍ଡ ପୋଲିସ୍ ଅଧିକାରୀ ପ୍ରସନ୍ନ କୁମାର ବିଶ୍ୱାଳଙ୍କୁ ମହୋତ୍ସବ ପକ୍ଷରୁ ଧନ୍ୟବାଦ ଅର୍ପଣ କରାଯାଇଥିଲା।

## ଆବାସ ଯୋଜନା ଆବେଦନକାରୀଙ୍କ ପୁନଃ ତଦନ୍ତ ନିର୍ଦ୍ଦେଶ

**ନିଶ୍ଚିନ୍ତକୋଇଲି, ୧୭।୧୦(ସ୍ୱ.ପ୍ର.)**

ଫନୀ ବାତ୍ୟା ପରେ କଚ୍ଚାଘରକୁ ପକ୍କାଘରେ ପରିଣତ କରିବା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଗୃହ ନିର୍ମାଣ ଯୋଜନାକୁ ତ୍ୱରାନିତ କରିଛନ୍ତି। ଏଥିରେ ଆବେଦନ କରିଥିବା ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ ଜିଗ୍ନିପୁର ଓ ନଗସପୁର ହିତାଧିକାରୀଙ୍କ ତାଲିକାର ପୁନଃ ତଦନ୍ତ ହେବ ବୋଲି ଭାରପ୍ରାପ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ସୁଶାନ୍ତ କୁମାର ରଣା ପ୍ରକାଶ କରିଛନ୍ତି। ଫନୀ ବାତ୍ୟା ପରେ ଏହି ବ୍ଲକର ହିତାଧିକାରୀମାନେ ପ୍ରଥମ ପର୍ଯ୍ୟାୟରେ ପକ୍କାଘର ପାଇବା ପାଇଁ ଆବେଦନ କରିଥିଲେ। ଆବେଦନକୁ ସ୍କ୍ରୁଟିନ କରାଯିବା ପରେ ଜିଓ ଟ୍ୟାଗିଂ କରାଯାଇଥିଲା। ତେବେ ଏହି ଜିଓ ଟ୍ୟାଗିଂ ତାଲିକାରେ ବହୁ ଅଯୋଗ୍ୟ ହିତାଧିକାରୀ ସ୍ଥାନ ପାଇଥିବା ଅଭିଯୋଗ ହୋଇଥିଲା। ଏହାପରେ ବ୍ଲକ ପ୍ରଶାସନ ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ୫ ପଞ୍ଚାୟତର ହିତାଧିକାରୀ ତାଲିକା ସାର୍ବଜନୀନ କରାଯାଇଥିଲା। ତେବେ ସେଥିରୁ ଜିଗ୍ନିପୁର ଓ ନଗସପୁର ପଞ୍ଚାୟତର ସମସ୍ତ ହିତାଧିକାରୀଙ୍କୁ ପୁନଃ ଯାଞ୍ଚ କରାଯିବ ବୋଲି ସ୍ଥିର କରାଯାଇଛି।

## ଖବରଦାତାଙ୍କୁ ଆକ୍ରମଣ ଘଟଣାର ନିନ୍ଦା

**ଲଳିତଗିରି,୧୭।୧୦(ସ୍ୱ.ପ୍ର.)**

ବେଆଇନ ମଦ କାରବାର ବିରୋଧରେ ଖବର ସଂଗ୍ରହ ବେଳେ ଗଜପତି ଜିଲା ଚନ୍ଦ୍ରଗିରି ଅଞ୍ଚଳର ଧରିତ୍ରୀ ଖବରଦାତା ଶ୍ରୀହରି ପ୍ରଧାନଙ୍କୁ ବୁଧବାର କିଛି ଦୁର୍ବୃତ୍ତ ସଂଘବଦ୍ଧ ଭାବେ ଆକ୍ରମଣ କରିଥିଲେ। ଏହି ଘଟଣାକୁ ମାହାଙ୍ଗା ପ୍ରେସକ୍ଲବ ପକ୍ଷରୁ ଗୁରୁବାର ନିନ୍ଦା କରାଯାଇଛି। ଏନେଇ ପ୍ରେସକ୍ଲବ ପରିସରରେ ଏକ ଜରୁରୀ ବୈଠକ ଡକାଯାଇଥିଲା। ପ୍ରେସକ୍ଲବର ସଭାପତି ଦୀପକ ସାହୁ ଅଧକ୍ଷତା କରିଥିଲେ। ବୈଠକରେ କାର୍ଯ୍ୟରତ ଖବରଦାତାଙ୍କ ପ୍ରତି ବଢୁଥିବା ଆକ୍ରମଣ ଘଟଣାକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା। ସରକାର ସେମାନଙ୍କ ସୁରକ୍ଷା ପାଇଁ ଆଇନ ଆଣିବାକୁ ବୈଠକରେ ଦାବି କରାଯାଇଥିଲା। ଏଥିସହ ପ୍ରଧାନଙ୍କୁ ଆକ୍ରମଣ ଘଟଣାରେ ତୁରନ୍ତ ଦୋଷୀଙ୍କୁ ଦଣ୍ଡ ଦେବା ଲାଗି ଦାବି ହୋଇଥିଲା। ବୈଠକରେ ଖବରଦାତା ତାପସ ବିଶ୍ୱାଳ, ଅମିୟ ନାୟକ, ଅଶୋକ ଦାସ ଓ ରମେଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଶିବିରରୁ ୬୮୦ୟୁନିଟ୍ ରକ୍ତ ସଂଗ୍ରହ

**ଆଠଗଡ଼, ୧୭।୧୦(ସ୍ୱ.ପ୍ର.)**

ଆଠଗଡ଼ସ୍ଥିତ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ ପରିସରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ ରକ୍ତଭଣ୍ଡାର ଦ୍ୱାରା ପରିଚାଳିତ ଏହି କାର୍ଯ୍ୟକ୍ରମରେ ବିରଳ ରକ୍ତ ସମେତ ରେକର୍ଡ଼ ସଂଖ୍ୟକ ୬୮୦ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ରାକେଶ ଦାସଙ୍କ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମକୁ ଆଠଗଡ଼ ବ୍ଲକ ବିଜେଡି ସଭାପତି ରବୀନ୍ଦ୍ରନାଥ ରାଉତ ଉଦ୍‌ଘାଟନ କରିଥିଲେ। କଟକ ଜିଲା ପରିଷଦ ଉପାଧକ୍ଷ ସୁନୀଲ ପରିଡ଼ାଙ୍କ ତତ୍ତ୍ୱାବଧାନରେ ଆଠଗଡ଼ ନିର୍ବାଚନ ମଣ୍ଡଳୀର ବହୁ ନେତୃବୃନ୍ଦ ଉପସ୍ଥିତଥିଲେ। ଆଠଗଡ଼ ନଗର ବିଜେଡି ସଭାପତି ପ୍ରଦୀପ୍ତ ଦାସ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ସଭ୍ୟ ଜାନକୀଲତା ନାୟକ, କେଶବ ଦଳେଇ, କଟକ ଜିଲା ମହିଳା ବିଜେଡି ଉପସଭାନେତ୍ରୀ ଅଶାନ୍ତି ବେହେରା ଓ ପୂର୍ବତନ ନଗରପାଳ ସୁଚିତ୍ରା ସାହୁ ଯୋଗଦେଇଥିଲେ।



ଜୀବନବିନ୍ଦୁ କାର୍ଯ୍ୟକ୍ରମରେ ସ୍ୱେଚ୍ଛାସେବୀମାନେ ରକ୍ତଦାନ କରୁଛନ୍ତି।

## ପରିବେଶ ସଚେତନତା, ଚାରାବଣ୍ଟନ କାର୍ଯ୍ୟକ୍ରମ

**ବାଙ୍କୀ,୧୭।୧୦(ସ୍ୱ.ପ୍ର.)**

ବାଙ୍କୀ ବଜାରରେ ଏକ ପରିବେଶ ସଚେତନତା, ଚାରାବଣ୍ଟନ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। କଟକ ଲାୟନ୍ସ କ୍ଲବ ପ୍ଲାଟିନିୟମ୍, ବାଙ୍କୀ ମେନରୋଡ୍ ପୂଜାକମିଟି ଓ ନୃସିଂହ ପୂଜା କମିଟି ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ଗୌତମ ମିଶ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥିଭାବେ ବାଙ୍କୀ ଥାନାର ସେକେଣ୍ଡ୍ ଅଫିସର ସ୍ନିଗ୍ଧାମୟୀ ବରାଳ ଯୋଗଦେଇ ବୃକ୍ଷ ହିଁ ଜୀବନ, ଏହା ବଞ୍ଚି ରହିଲେ ଜୀବଜଗତ ତିଷ୍ଠି ରହିବ ବୋଲି ସେ ମତବ୍ୟକ୍ତ କରିଥିଲେ। ଉତ୍ସବରେ ଅତିଥିଭାବେ ପ୍ରେସକ୍ଲବର ସଭାପତି ବଳଭଦ୍ର ପଣ୍ଡା, ଉପସଭାପତି ସମରେନ୍ଦ୍ର ମହାପାତ୍ର, ପ୍ରାଧାପକ ମନୋଜ କୁମାର ମହାପାତ୍ର, ମେନରୋଡ୍ ପୂଜା କମିଟିର ସଭାପତି ରବୀନ୍ଦ୍ର ଦାସ, ବରେନ୍ଦ୍ରକୃଷ୍ଣ ବିଦ୍ୟାପୀଠର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ, ସାମାଜିକ କର୍ମୀ ପ୍ରମୋଦ ଚନ୍ଦ୍ର ମହାପାତ୍ର, ଯୁବନେତା ବାଙ୍କନିଧି ବେହେରା ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ପ୍ଲାଷ୍ଟିକ ବର୍ଜନ, ପରିବେଶକୁ ନିର୍ମଳ ରଖିବା, ବ୍ୟାପକ ବୃକ୍ଷରୋପଣ ଓ ଜୀବଜନ୍ତୁମାନଙ୍କୁ ସୁରକ୍ଷା ଦେବା ଲାଗି ସଚେତନ କରାଇଥିଲେ।

## ମତ୍ସ୍ୟଜୀବୀ ପ୍ରଶିକ୍ଷଣ, ସଚେତନତା ଶିବିର

**ବାଙ୍କୀ,୧୭।୧୦ (ସ୍ୱ.ପ୍ର.)**

ଅଂଶୁପା ହ୍ରଦ ଉପରେ ନିର୍ଭର କରି ଜୀବିକା ନିର୍ବାହ କରୁଥିବା ମତ୍ସ୍ୟଜୀବୀମାନଙ୍କୁ ନେଇ ଏକ ପ୍ରଶିକ୍ଷଣ ଓ ସଚେତନତା ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ବାଙ୍କୀ ଅଂଶୁପା ପ୍ରାକୃତିକ ଉଦ୍ୟାନ ପରିସରରେ ଆୟୋଜିତ ଏହି ଶିବିରରେ ମୁଖ୍ୟଅତିଥିଭାବେ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ ଭୁବନେଶ୍ୱରର ପରାମର୍ଶଦାତା ସୂର୍ଯ୍ୟକୁମାର ମହାନ୍ତି ଯୋଗଦେଇଥିଲେ। ଏହି ଅବସରରେ ସେ କହିଥିଲେ ଯେ, ଅଂଶୁପାର ମତ୍ସ୍ୟ ଉତ୍ପାଦନ ବୃଦ୍ଧି ନିମନ୍ତେ ମତ୍ସ୍ୟଜୀବୀମାନେ ସାଧମତେ ଅପକାରୀ ଦଳଗୁଡିକୁ ସଫାକରି ଏକ ସୁସ୍ଥ ଅଂଶୁପା ଗଠନ କରିବା ଆବଶ୍ୟକ। ସମ୍ମାନିତ ଅତିଥିଭାବେ ମତ୍ସ୍ୟବିଶାରଦ ପ୍ରଦୀପ କୁମାର ମହାପାତ୍ର, ଅଂଶୁପା ମତ୍ସ୍ୟଜୀବୀ ସମବାୟ ସମିତିର ପୂର୍ବତନ ସମ୍ପାଦକ ପୂର୍ଣ୍ଣ ଦଳେଇ, ଅଂଶୁପା ଉନ୍ନୟନ ଦାୟିତ୍ୱରେ ଥିବା ସହକାରୀ ବନସଂରକ୍ଷକ ବିନୋଦ କୁମାର ଆଚାର୍ଯ୍ୟ, ଅଂଶୁପା ମତ୍ସ୍ୟ ସମବାୟ ସମିତିର ସମ୍ପାଦକ ଧୈର୍ଯ୍ୟଧର ଦଳେଇ ପ୍ରମୁଖ ଯୋଗଦେଇଥିଲେ। ଅଂଶୁପାକୁ ଦଳମୁକ୍ତ କରାଯାଇ ନୂତନ ପଦ୍ଧତିରେ ମତ୍ସ୍ୟଚାଷ କରାଗଲେ ମତ୍ସ୍ୟଜୀବୀମାନେ ଉପକୃତ ହୋଇପାରିବେ ବୋଲି ସେମାନେ ମତବ୍ୟକ୍ତ କରିଥିଲେ। ମତ୍ସ୍ୟ ବିଷାରଦ ଡ.କୃପାସିନ୍ଧୁ ଭଞ୍ଜ ଶିବିରରେ ସଭାପତିତ୍ୱ କରିଥିବା ବେଳେ ଡ.ଫଣିନ୍ଦ୍ରଭୂଷଣ ନନ୍ଦ ଏହାକୁ ପରିଚାଳନା କରିଥିଲେ। ଶିବିରରେ ସୁବର୍ଣ୍ଣପୁର ଏସ୍‌ଏସ୍‌ଜି ଓ ମାଳବିହାରିପୁର ବାଲୁଙ୍କେଶ୍ୱର ବନସୁରକ୍ଷା ସମିତିର ସଭ୍ୟାମାନେ ସହଯୋଗ କରିଥିଲେ। ଶେଷରେ ଗବେଷକ ତୁହିମାଂଶୁ କର ଧନ୍ୟବାଦ ଅର୍ପଣ କରିଥିଲେ।



ଶିବିରରେ ଯୋଗଦେଇଥିବା ଅତିଥି।

## ବୈଷ୍ଣବ ପାଣି ଥିଲେ ସ୍ୱତନ୍ତ୍ର ଓଡ଼ିଶା ଗଠନର ପ୍ରମୁଖ ବିନ୍ଧାଣି




ଜୟନ୍ତୀ ସମାରୋହରେ ମନ୍ତ୍ରୀ ପ୍ରତାପ ଜେନା ଓ ଅନ୍ୟମାନେ।

**ମାହାଙ୍ଗା,୧୭।୧୦(ସ୍ୱ.ପ୍ର.)**

ମାହାଙ୍ଗା ଗଣକବି ବୈଷ୍ଣବ ପାଣି ସାଂସ୍କୃତିକ ସଂସଦ ଆନୁକୂଲ୍ୟରେ ଗଣକବି ବୈଷ୍ଣବ ପାଣିଙ୍କ ୧୩୭ ତମ ଜୟନ୍ତୀ ଉତ୍ସବର ୩ୟ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ମାହାଙ୍ଗା ବ୍ଲକ ଆନନ୍ଦପୁର ଉପ୍ରା ବିଦ୍ୟାଳୟ ପରିସରରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟଅତିଥିଭାବେ ଜଳସମ୍ପଦ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ ଯୋଗଦେଇ ବୈଷ୍ଣବ ପାଣି ଓଡ଼ିଆ ଭାଷା ଓ ସ୍ୱତନ୍ତ୍ର ଓଡ଼ିଶା ଗଠନର ପ୍ରମୁଖ ବିନ୍ଧାଣି ଥିଲେ ବୋଲି କହିଥିଲେ। ସେ ତତ୍କାଳୀନ ସମୟରେ ଓଡ଼ିଆ ଭାଷା ସାହିତ୍ୟକୁ ଉଜ୍ଜୀବିତ କରି ରଖିବା ସହ ନିଜ ଲେଖନୀ ଚାଳନାରେ ବହୁ ଗୀତିନାଟ୍ୟ ଓ ସୁଆଙ୍ଗ ଆଦି ରଚନା କରି ବିଭିନ୍ନ ସ୍ଥାନରେ ନାଟକ ପରିବେଷଣ କରିଥିଲେ। ବିଶିଷ୍ଟ ଅତିଥିଭାବେ ପୂର୍ବତନ ମନ୍ତ୍ରୀ ତଥା ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ ଯୋଗଦେଇଥିଲେ। ଏଥିରେ ସଂସଦର ସଭାପତି ତଥା ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନା ସଭାପତିତ୍ୱ କରିଥିଲେ। ପୂର୍ବତନ ବ୍ଲକ ଅଧକ୍ଷ ଭିକାରୀ ଚରଣ ସ୍ୱାଇଁ ସଭା ସଂଯୋଜନା କରିଥିଲେ। ସମ୍ମାନିତ ଅତିଥିଭାବେ କଟକ ଜିଲା ପରିଷଦ ଅଧକ୍ଷ ଜ୍ୟୋତିରେଖା ନାୟକ, ବ୍ଲକ ଅଧକ୍ଷ ଶରତ ନାୟକ, ପୂର୍ବତନ ବ୍ଲକ୍ ଅଧକ୍ଷ ରାଜକିଶୋର ଜେନା, ଚଳଚ୍ଚିତ୍ର ଅଭିନେତ୍ରୀ ରିଆ ଦେ ଯୋଗଦେଇଥିଲେ। ସେହିପରି ସମ୍ମାନିତ ବକ୍ତାଭାବେ ପୂର୍ବତନ ବ୍ଲକ୍ ଅଧକ୍ଷା କନକଲତା ବେହେରା, ସରପଞ୍ଚ ଲଳିତମୋହନ ମହାପାତ୍ର, ସମିତିସଭ୍ୟ ପ୍ରମୋଦ ବେହେରା ଯୋଗଦେଇ ଗଣକବିଙ୍କ ସାହିତ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରଶାନ୍ତ ପଟ୍ଟନାୟକ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଶେଷରେ ଗଣକବିଙ୍କ ରଚିତ ଗୀତିନାଟ୍ୟ ମଉଦା ଶ୍ରୀରାମ ଓ ସାଂସ୍କୃତିକ ପରିଷଦ ପକ୍ଷରୁ ଜଳନ୍ଧର ବଧ ପରିବେଷଣ କରାଯାଇଥିଲା।

## କ୍ଲଷ୍ଟରସ୍ତରୀୟ ଶିଶୁ ସୁରଭି କାର୍ଯ୍ୟକ୍ରମ

**ନରସିଂହପୁର,୧୭।୧୦(ଡି.ଏନ୍.ଏ.)**

ନରସିଂହପୁର ବ୍ଲକର ବିଭିନ୍ନ କ୍ଲଷ୍ଟରରେ ସୁରଭି କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ରଣସିଂହପୁର ଉନ୍ନୀତ ମଧଇଂରାଜୀ ବିଦ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ଚନ୍ଦ୍ରଶେଖର ବେହେରା ପୌରୋହିତ୍ୟ କରିଥିଲେ । ମୁଖ୍ୟଅତିଥି ଭାବେ ଶିକ୍ଷକ ନେତା କଳିଙ୍ଗ କେଶରୀ ପ୍ରଧାନ ଓ ସମ୍ମାନିତ ଅତିଥିଭାବେ ରଣସିଂହପୁର ଇଷ୍ଟ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରମେଶ ଭଞ୍ଜ, ସିଆରସିସି ଶଙ୍କର୍ଷଣ ସାହୁ, ଶିକ୍ଷକ ପ୍ରଦୀପ ସାହୁ ପ୍ରମୁଖ ଯୋଗଦେଇଥିଲେ । ଶିକ୍ଷା କମିଟିର ସଭାପତି ସୁବାସ ଖିଲାର ବିଶିଷ୍ଟ ଅତିଥିଭାବେ ଯୋଗଦାନ ଦେଇଥିଲେ। ଏହି ଅବସରରେ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା କନିଷ୍ଠ ଓ ବରିଷ୍ଠ ବିଭାଗର ଛାତ୍ରୀଛାତ୍ରଙ୍କ ଦ୍ୱାରା ରଚନା, ଚିତ୍ରାଙ୍କନ, ସୃଜନଶୀଳ ସଙ୍ଗୀତ, ପ୍ରଗଳ୍ଭ ଭାଷଣ ଆଦି ପ୍ରତିଯୋଗିତା ହୋଇଥିଲା। ଶେଷରେ କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ସେହିଭଳି ଜିଳିଣ୍ଡା ସରକାରୀ ମଧ ଇଂରାଜୀ ବିଦ୍ୟାଳୟରେ ଅନୁଷ୍ଠିତ ସୁରଭି କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ରାମଚନ୍ଦ୍ର ନାୟକ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥିଭାବେ ଜିଳିଣ୍ଡା ବଣ୍ୟପ୍ରାଣୀ ସଂରକ୍ଷଣ ବିଭାଗର ରେଞ୍ଜର ହରିଶ୍ ପ୍ରଧାନ, ମୁଖ୍ୟବକ୍ତା ଭାବେ ଜିଳିଣ୍ଡା ଫାଣ୍ଡି ଅଧିକାରୀ ପ୍ରସନ୍ନ ଦଳେଇ, ସମ୍ମାନିତ ଅତିଥିଭାବେ ସିଆରସିସି ଅଭିରାମ ଦଳେଇ ଯୋଗଦେଇଥିଲେ। ସେହିପରି ଏକଡାଳସ୍ଥିତ ବାଉତି ବିଦ୍ୟାପୀଠରେ ଆୟୋଜିତ ଶିଶୁ ସୁରଭି କାର୍ଯ୍ୟକମରେ ପ୍ରଧାନ ଶିକ୍ଷକ ପ୍ରମୋଦ ବେହେରା ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥିଭାବେ ଶିକ୍ଷା କମିଟିର ସଭାପତି ସଲିଲ ରଣା, ସମ୍ମାନିତ ଅତିଥି ଭାବେ ସିଆରସିସି ଚୈତନ୍ୟ ସାହୁ ଯୋଗଦେଇଥିଲେ। ଶିକ୍ଷକ ପ୍ରତାପ ଚିନରା, ବିରଞ୍ଚି ବେହେରା, ସରୋଜ ବାରିକ, ସୁକାନ୍ତି ଦାଶ ପ୍ରମୁଖ ଏହି ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। ସେହିଭଳି ବ୍ଲକର ଅନ୍ୟ ୧୪ଟି କଷ୍ଟରରେ ଶିଶୁ ଉତ୍ସବ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।

## ପୁଣ୍ୟ ଘଡ଼ିଏକୁ ପାପ ଦି' ଘଡ଼ି ନାଟକ ମଞ୍ଚସ୍ଥ



କଳାକାରମାନେ ନାଟକ ପରିବେଷଣ କରୁଛନ୍ତି।

**ବଡମ୍ବା,୧୭।୧୦(ଡି.ଏନ୍.ଏ.)**

ବଡମ୍ବା ବ୍ଲକ ଶଙ୍ଖାମେରୀ ପଞ୍ଚାୟତ କନ୍ତପଡାଗ୍ରାମସ୍ଥିତ ଶ୍ରୀଜଗନ୍ନାଥ କ୍ଲବ୍‌ର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି । କ୍ଲବ୍ ତରଫରୁ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ କରାଯିବା ସହ ନାଟକ ପୁଣ୍ୟ ଘଡିଏକୁ ପାପ ଦି' ଘଡି ମଞ୍ଚସ୍ଥ ହୋଇଥିଲା। ନାଟକଟି ବେଶ୍ ଉଚ୍ଚକୋଟୀର ହୋଇଥିବାବେଳେ ବହୁ ଦର୍ଶକ ଏହାକୁ ଉପଭୋଗ କରିଥିଲେ। ନାଟ୍ୟ ନିର୍ଦ୍ଦେଶକ ବିଷ୍ଣୁପ୍ରସାଦ ପରିଡାଙ୍କ ନିର୍ଦ୍ଦେଶନାରେ ଆୟୋଜିତ ଏହି ନାଟକରେ ବଟ, ସାଧୁ, ସୁନୀଲ, ସମୀର, ପରମା, ପପୁ, ଟୁଟୁ, ଚନ୍ଦ୍ର, ସୁଦାମ, କାହ୍ନା, ମିଲୁ ଓ ରମେଶ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ହାସ୍ୟ କଳାକାର ନଟିଆ, ଚନ୍ଦନ ଓ ରାକେଶଙ୍କ ଭୂମିକା ଚିତ୍ତାକର୍ଷକ ହୋଇଥିଲା। ମୁଖ୍ୟଅତିଥି ଭାବେ ସଦାନନ୍ଦ ସ୍ୱାଇଁ, ସମ୍ମାନିତ ଅତିଥିଭାବେ ପରମାନନ୍ଦ ସେଠୀ, ଗୋବର୍ଦ୍ଧନ ସାମନ୍ତରା, ମାୟାଧର ମଲ୍ଲିକ, ପ୍ୟାରୀ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ । କାର୍ଯ୍ୟକ୍ରମରେ ମାନସ ରଞ୍ଜନ ମୁଦୁଲି ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସରଜୁ କୁମାର ମଲ୍ଲିକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ।

## ଧବଳେଶ୍ୱର ଦେବଙ୍କ ବଡ଼ଓଷା, ପଞ୍ଚକ ପ୍ରସ୍ତୁତି ବୈଠକ

# ସ୍ୱଚ୍ଛତା, ପରିମଳକୁ ଗୁରୁତ୍ୱ: ପଲିଥିନକୁ ନା

**ଖୁଣ୍ଟୁଣୀ,୧୭।୧୦(ଡି.ଏନ୍.ଏ.)**

■ଝୁଲାପୋଲରେ ଆଦାୟ ହେବ ଜଣଙ୍କ ପିଛା ୫ଟଙ୍କା

■ଆପରାଧିକ କାର୍ଯ୍ୟକଳାପ ଉପରେ ନଜର ରଖିବ ସିସି କ୍ୟାମେରା

ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ ଧବଳେଶ୍ୱର ଦେବଙ୍କ ପଞ୍ଚକ ଓ ବଡ଼ଓଷା ପାଇଁ ଗୁରୁବାର ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କ ଅଧକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଧବଳେଶ୍ୱରଙ୍କ ପୀଠରେ ଅନୁଷ୍ଠିତ ଏହି ବୈଠକରେ ପୂଜକ ସମାଜ ସଭାପତି ବିଷ୍ଣୁ ଚରଣ ପତ୍ରୀଙ୍କ ମଙ୍ଗଳାଷ୍ଟକ ପାଠ ପରେ ଉପଜିଲାପାଳ ଅମୀୟ କୁମାର ସାହୁ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଚଳିତବର୍ଷ ନଭେମ୍ବର ୮ରୁ ୧୨ତାରିଖ ପର୍ଯ୍ୟନ୍ତ ପଞ୍ଚକ ଯାତ୍ରା ଅନୁଷ୍ଠିତ ହେବ। ୧୦ତାରିଖ ମଧ୍ୟରାତ୍ରିରେ ଧବଳେଶ୍ୱର ଦେବଙ୍କୁ ଗଜ ଭୋଗ ଲାଗି ପରେ ୧୧ତାରିଖ ଭୋରରେ ଭକ୍ତଙ୍କୁ ବିତରଣ କରାଯିବ। ପୀଠରେ ପଲିଥିନ ବ୍ୟବହାରକୁ ନିଷେଧ କରାଯାଇଥିବା ବେଳେ ପରିମଳ ବ୍ୟବସ୍ଥା ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବା ପାଇଁ ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଝୁଲାପୋଲରେ ପୀଠକୁ ଯାଉଥିବା ଭକ୍ତଙ୍କଠାରୁ ଜଣକ ପିଛା ୨ଟଙ୍କା ପରିବର୍ତ୍ତେ ୫ଟଙ୍କା ଆଦାୟ କରାଯିବ। ପୀଠ ଭିତରେ ଓ ଝୁଲାପୋଲ ପ୍ରବେଶ ପଥର ଉଭୟ ପାର୍ଶ୍ୱରେ ସିସି କ୍ୟାମେରା ଖଞ୍ଜାଯିବା ସହ ଆପରାଧିକ କାର୍ଯ୍ୟକଳାପ ଉପରେ ନଜର ରଖାଯିବ। ପଞ୍ଚକ ପାଞ୍ଚଦିନ ପୀଠକୁ ଉଜ୍ଜ୍ୱଳ ଆଲୋକରେ ଆଲୋକିତ କରାଯିବା ସହ ମଧୁସୂଦନ ସେତୁର ଉଭୟ ପାର୍ଶ୍ୱ ପ୍ରବେଶ ପଥରେ ଆଲୋକ ବ୍ୟବସ୍ଥା କରିବାକୁ ଜିଲାପାଳ ଚୌଦ୍ୱାର ସେସୁ ନିର୍ବାହୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପୀଠକୁ ୨୦ପ୍ଲାଟୁନ ଫୋର୍ସ, ୨ଜଣ ଅତିରିକ୍ତ ଏସ୍‌ପି, ୭ଜଣ ଡିଏସ୍‌ପି, ୧୪ଜଣ ଇନ୍ସପେକ୍ଟର, ୮୪ଜଣ ଏଏସ୍‌ଆଇ, ୧୮୦ଜଣ ହୋମଗାର୍ଡଙ୍କୁ ନିୟୋଜିତ କରିବାକୁ ଜିଲାପାଳଙ୍କୁ ଅତିରିକ୍ତ ଏସ୍‌ପି ଅଲେଖ ଚନ୍ଦ୍ର ପହି ପ୍ରତିଶ୍ରୁତି ଦେଇଥିଲେ। ବୈଠକରେ ବିଡିଓ ଅଜାମ୍ବର ମହାନ୍ତି, ତହସିଲଦାର ତପନ ଖୁଣ୍ଟିଆ, ଚୌଦ୍ୱାର ଏସ୍‌ଡିପିଓ ପ୍ରଶାନ୍ତ ମଲ୍ଲ, ଅତିରିକ୍ତ ଦେବୋତ୍ତର କମିଶନର ଦେବାଶିଷ ଦାସ, ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ସତ୍ୟବ୍ରତ ଛୋଟରାୟ, ସତ୍ୟବ୍ରତ ସାହୁ, କିରଣ ଖଟୁଆ, ମାଗୁଣି ଚରଣ ରାଉତ, ସୁଚିତ୍ର ବିର୍ଯ୍ୟ ଦାସ, ବିଜୟ ବିସି, ସନ୍ତୋଷ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ଶୁକ୍ରବାର, ଅକ୍ଟୋବର ୧୮/୨୦୧୯ Bhubaneswar, Friday, October 18/2019

# ବାଲିଯାତ୍ରାରେ ହେବ ପଥ ଉତ୍ସବ



ଜିଲାପାଳ ଓ ସିଏମ୍‌ସି କମିଶନରଙ୍କ ସହ ଅନ୍ୟମାନେ ବାଲିଯାତ୍ରା ପଡ଼ିଆ ତଦାରଖ କରୁଛନ୍ତି।

- ବୋଟିଂର ମଜ୍ଜା ନେବେ ଲୋକେ
- ବାଲିଯାତ୍ରା ପଡିଆ ବୁଲିଲେ ଜିଲାପାଳ, କମିଶନର

**କଟକ ଅଫିସ, ୧୭।୧୦**

ଚଳିତବର୍ଷ କଟକ ବାଲିଯାତ୍ରାକୁ ଭିନ୍ନ ଢଙ୍ଗରେ କରିବା ପାଇଁ ପ୍ରଶାସନ ପକ୍ଷରୁ ପ୍ରୟାସ ଆରମ୍ଭ ହୋଇଛି। ଏଠାରେ ଲୋକଙ୍କୁ ଯେଭଳି ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦିଆଯିବ ସେ ନେଇ ଗୁରୁବାର ବାଲିଯାତ୍ରା ପଡ଼ିଆ ବୁଲି ତଦାରଖ କରିଛନ୍ତି ଜିଲାପାଳ ଭବାନୀ ଶଙ୍କର ଚୟନୀ ଏବଂ କଟକ ମହାନଗର ନିଗମ (ସିଏମ୍‌ସି) କମିଶନର ଅନନ୍ୟା ଦାସ। ବାଲିଯାତ୍ରାରେ ପ୍ରଥମଥର ପାଇଁ ପଥ ଉତ୍ସବ କରାଯିବା ନିମନ୍ତେ ରୋଡ୍‌ମ୍ୟାପ ପ୍ରସ୍ତୁତ କରାଯାଇଛି।

ଚଳିତବର୍ଷ ବାଲିଯାତ୍ରାରେ ସକାଳ ପ୍ରାୟ ସାଢେ ୬ରୁ ୯ଟା ପର୍ଯ୍ୟନ୍ତ ପଥ ଉତ୍ସବ ପାଳନ ହେବ। କଳାକାରମାନେ ନିଜ କଳା ଦେଖାଇବା ସହ ସାଇକେଲିଂ ଓ ସ୍କେଟିଂର ମଜା ନେଇପାରିବେ କଟକବାସୀ। ବାଲିଯାତ୍ରାରେ ଜିଲା ପ୍ରଶାସନ ସମେତ କଟକ ମହାନଗର ନିଗମର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ। ବାଲିଯାତ୍ରାରେ ବିଭିନ୍ନ ଜିଲାର ଲୋକଙ୍କ ସମାଗମ ହୋଇଥାଏ। ସେମାନଙ୍କ ସୁବିଧା ପାଇଁ ଟଏଲେଟ, ପାର୍କିଂ, ପିଇବାପାଣି, ରାସ୍ତା ନିର୍ମାଣ, ସଫେଇ, ଖାଦ୍ୟର ମାନ ଯାଞ୍ଚ କରିବା ଆଦି ଦାୟିତ୍ୱ ସିଏମ୍‌ସି ଉପରେ ନ୍ୟସ୍ତ କରାଯାଇଛି। ବାଲିଯାତ୍ରାରେ ଖାଦ୍ୟର ମାନ ଯାଞ୍ଚ ପାଇଁ ୪ଟି ଟିମ୍ ଗଠନ କରାଯିବ। ଚଳିତବର୍ଷ ଦୁଇଟି ପୋଖରୀ ନିର୍ମାଣ କରାଯାଇ କଟକବାସୀଙ୍କ ପାଇଁ ବୋଟିଂର ବ୍ୟବସ୍ଥା କରାଯିବ। ଏ ନେଇ ଜିଲାପାଳ କହିଛନ୍ତି, ସ୍ଥାନୀୟ କଳାକାର ଓ ବାଲିଯାତ୍ରାରେ ରୁଚି ରଖୁଥିବା ସଙ୍ଗଠନକୁ ବାଲିଯାତ୍ରାରେ ସାମିଲ କରାଯିବ। ସିଏମ୍‌ସି କମିଶନର ଅନନ୍ୟା ଦାସ କହିଛନ୍ତି, ବିଶେଷକରି ଲୋକଙ୍କ ପାଇଁ ପାର୍କିଂ, ପାନୀୟଜଳ, ଟଏଲେଟ ବ୍ୟବସ୍ଥା କରାଯାଉଛି। ସ୍ଥାନୀୟ ସ୍ୱେଚ୍ଛାସେବୀ ସଙ୍ଗଠନଗୁଡ଼ିକୁ ନେଇ ସମସ୍ତ କାର୍ଯ୍ୟ କରାଯିବ। ପଥ ଉତ୍ସବ ମାଧ୍ୟମରେ ଲୋକେ ବିଭିନ୍ନ କ୍ରୀଡ଼ା ଏବଂ ମନୋରଞ୍ଜନ କାର୍ଯ୍ୟକ୍ରମ ଦେଖିବାକୁ ପାଇବେ। ଫୁଡ ଇନ୍ସପେକ୍ଟର ଭବାନୀ ଲେଙ୍କା କହିଛନ୍ତି, ପଡ଼ିଆ ବଢ଼ିଛି। ସେହି ଅନୁପାତରେ ବ୍ୟବସାୟୀଙ୍କ ସଂଖ୍ୟା ମଧ୍ୟ ବଢ଼ିବ। ଡାଇରେକ୍ଟର ଅଫ ହେଲ୍‌ଥ ଆଣ୍ଡ ଫୁଡ ସେଫ୍‌ଟି କମିଶନରଙ୍କ ଅନୁମତିରେ ୪ ଜଣ ଫୁଡ୍ ସେଫ୍ଟି ଅଫିସରଙ୍କୁ ଡେପୁଟେଶନରେ ଅଣାଯିବ। ଖାଦ୍ୟର ମାନ ଯାଞ୍ଚ କରାଯିବା ସହ ବାସୀ ଖାଦ୍ୟ ବିକ୍ରି କରୁଥିବା ବ୍ୟବସାୟୀଙ୍କ ଉପରେ ୧୦୦ରୁ ୧୦ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନା ଆଦାୟ କରାଯିବ। ଏହି ଗସ୍ତ ସମୟରେ ସିଏମ୍‌ସି କର୍ମଚାରୀଙ୍କ ସମେତ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ।

# ଗଣ୍ଡଗୋଳ ଘଟଣା: ୬ ଗିରଫ

**କଟକ ଅଫିସ,୧୭।୧୦:** ଗଣ୍ଡଗୋଳ ଘଟଣାରେ କ୍ୟାଣ୍ଟନମେଣ୍ଟ ପୋଲିସ ଗୁରୁବାର ୬ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଷ୍ଟେଶନବଜାର ମଠସାହିର ବିଜୟ କୁମାର ବେହେରା, ସୁମନ୍ତ ଦାସ, ସନ୍ତୋଷ ଦାସ, ବିଷ୍ଣୁ ଦାସ, ବିଶ୍ୱଜିତ ଦାସ ଓ ଯୋବ୍ରା ପାରେଶ୍ୱର ସାହିର ପବିତ୍ର ଜାଲି। ଅଭିଯୋଗ ଅନୁଯାୟୀ, ଗତ ୯ ତାରିଖ ରାତିରେ ଦଶହରା ଭସାଣି ବେଳେ ଷ୍ଟେଶନ ବଜାର ମେଢ ବକ୍ସିବଜାର ଅମରେଶ୍ୱର ମନ୍ଦିର ନିକଟରେ ଶୋଭାଯାତ୍ରାରେ ଯାଉଥିଲା। ଅଭିଯୁକ୍ତମାନେ ଶୋଭାଯାତ୍ରା ନିକଟକୁ ଆସି ଗାଳିଗୁଲଜ କରିବା ସହ ମାର୍‌ପିଟ କରିଥିଲେ। ଏ ନେଇ ଷ୍ଟେଶନ ବଜାର ପୂଜା କମିଟି ପକ୍ଷରୁ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା(ନଂ.୧୪୧/୧୯) ରୁଜୁ କରିଛି।




# କଟକ ବାଲିଯାତ୍ରାକୁ ଜାତୀୟ ମାନ୍ୟତା ଦାବି

**କଟକ ଅଫିସ, ୧୭।୧୦**

ବ୍ୟବସାୟ ପ୍ରତିଷ୍ଠାନଗୁଡ଼ିକର ନାମଫଳକ ଓଡ଼ିଆରେ ଲେଖାଯିବା ପାଇଁ ଦୀର୍ଘଦିନରୁ ଦାବି ହୋଇଆସୁଛି। କିଛିବର୍ଷ ହେବ ଜିଲା ପ୍ରଶାସନ ପକ୍ଷରୁ ଏହି ଅଭିଯାନକୁ ବାଧ୍ୟତାମୂଳକ କରାଯାଇଥିଲେ ମଧ୍ୟ ସବୁ ପ୍ରତିଷ୍ଠାନ ଆଗରେ ଓଡ଼ିଆରେ ଲେଖାଯିବା ସମ୍ପୂର୍ଣ୍ଣ ଭାବେ ସଫଳ ହୋଇପାରିନାହିଁ। ତେଣୁ ଜିଲା ପ୍ରଶାସନର ଏକ ଉଚ୍ଚସ୍ତରୀୟ କମିଟି ଦ୍ୱାରା ପ୍ରତ୍ୟେକ ପ୍ରତିଷ୍ଠାନ ଯାଞ୍ଚ କରାଯାଇ ଆବଶ୍ୟକ ସ୍ଥଳେ ନିର୍ଦ୍ଦେଶନାମା ଖିଲାପକାରୀଙ୍କୁ ଆର୍ଥିକ ଦଣ୍ଡ ଦିଆଯାଉ। ଏଥିସହିତ ତୁରନ୍ତ ଓଡ଼ିଆରେ ନାମଫଳକ ଲେଖିବାକୁ ନିର୍ଦ୍ଦେଶ ଦେଲେ ଏହା ସଫଳ ହୋଇପାରିବ ବୋଲି କଟକ ମହାନଗର ନାଗରିକ ମହାସଭା ପକ୍ଷରୁ ଏକ ପ୍ରେସ ବିବୃତିରେ କୁହାଯାଇଛି। ରାଜ୍ୟ ସରକାର କଟକ ବାଲିଯାତ୍ରାକୁ ସରକାରୀ ମହୋତ୍ସବ ତାଲିକାରେ ରଖିବା ସ୍ୱତନ୍ତ୍ର ବଜେଟ୍ ବ୍ୟବସ୍ଥା କରି ଆର୍ଥିକ ଅନୁଦାନ ଦେବା ଆବଶ୍ୟକ। ଓଡ଼ିଆ ଜାତିର ଇତିହାସ ଓ ସ୍ମୃତିକୁ ବହନ କରୁଥିବା ଏହି ଯାତ୍ରାକୁ ଜାତୀୟ ମାନ୍ୟତା ଦେବା ପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ପଦକ୍ଷେପ ନେବାକୁ ସଙ୍ଗଠନ ସଭାପତି ଡା. ରବି ରଞ୍ଜନ ସାହୁ ଦାବି କରିଛନ୍ତି।




## ୨ ହସ୍ପିଟାଲ ପରିଦର୍ଶନ କଲେ ଆର୍‌ଡିସି

# ରୋଗୀଙ୍କ ସମସ୍ୟା ବୁଝିଲେ

**କଟକ ଅଫିସ, ୧୭।୧୦**

କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ (ଆର୍‌ଡିସି) ଅନିଲ କୁମାର ସାମଲ ଗୁରୁବାର ଆଚାର୍ଯ୍ୟ ହରିହର ଆଞ୍ଚଳିକ କର୍କଟ ଚିକିତ୍ସା କେନ୍ଦ୍ର ପରିଦର୍ଶନ କରିଥିଲେ। ସେଠାରେ ବିଭିନ୍ନ ୱାର୍ଡ ବୁଲି ଚିକିତ୍ସା ସମ୍ପର୍କରେ ରୋଗୀମାନଙ୍କୁ ପଚାରି ବୁଝିଥିଲେ। ରୋଗୀଙ୍କ ସମ୍ପର୍କୀୟ ଔଷଧ କିଣିବା ପାଇଁ ବାହାରକୁ ଯାଉଥିବା ଜାଣି ଆର୍‌ଡିସି ହସ୍ପିଟାଲର ନିର୍ଦ୍ଦେଶକ ଡା. ଲଲାଟେନ୍ଦୁ ଷଡଙ୍ଗୀଙ୍କୁ ପଚାରିଥିଲେ। ରୋଗୀଙ୍କ ପାଇଁ ନିରାମୟ ଯୋଜନାରେ ମାଗଣାରେ ଔଷଧ ଯୋଗାଇ ଦେବା ବ୍ୟବସ୍ଥା କରିବାକୁ ଆରଡିସି କହିଥିଲେ। ସେଠାକାର ଓପିଡି ଓ ଟିକେଟ କାଉଣ୍ଟର ସୁବ୍ୟବସ୍ଥା ଦେଖି ସେ ସନ୍ତୋଷ ପ୍ରକାଶ କରିବା ସହ ହସ୍ପିଟାଲ ପରିସରରେ ଥିବା ଜବରଦଖଲକାରୀଙ୍କୁ ହଟାଇବା ପାଇଁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଚିକିତ୍ସା କେନ୍ଦ୍ରରେ ଡ୍ରେନେଜ ଓ ପରିମଳ ବ୍ୟବସ୍ଥା ଅନୁଧ୍ୟାନ କରିବା ସହ ସ୍ୱଚ୍ଛ ରଖିବା ପାଇଁ ପଦକ୍ଷେପ ନେବାକୁ ନିର୍ଦ୍ଦେଶକ ଓ ଅଧୀକ୍ଷିକାଙ୍କୁ କହିଥିଲେ। ପରେ ଆରଡିସି ସାମଲ ସିଡିଏରେ ଥିବା ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଥିଲେ। ସେଠାରେ ରୋଗୀଙ୍କ ନିମନ୍ତେ ଆବଶ୍ୟକ ଜିନିଷ ଯୋଗାଇଦେବାକୁ କଟକ ମହାନଗର ନିଗମ କମିଶନର ଅନନ୍ୟା ଦାସଙ୍କୁ ପରାମର୍ଶ ଦେଇଥିଲେ। ରାଜ୍ୟ ସରକାରଙ୍କ 'ମୋ ସରକାର' କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଚିକିତ୍ସା ସେବା ଉପରେ ଆରଡିସି ଗୁରୁତ୍ୱାରୋପ କରିଛନ୍ତି। ଏ ସମ୍ପର୍କରେ ଆଞ୍ଚଳିକ କର୍କଟ ଚିକିତ୍ସା କେନ୍ଦ୍ରର ନିର୍ଦ୍ଦେଶକ ଲଲାଟେନ୍ଦୁ ଷଡଙ୍ଗୀ କହିଛନ୍ତି, ଏହି ହସ୍ପିଟାଲରେ ରୋଗୀଙ୍କୁ ସମସ୍ତ ସୁବିଧା ଯୋଗାଇ ଦିଆଯାଉଛି। ହସ୍ପିଟାଲରେ ଥିବା ସ୍ଥାନ ସମସ୍ୟା ସମ୍ପର୍କରେ ଆରଡିସିଙ୍କ ସହିତ ଆଲୋଚନା କରିଛୁ। ନିକଟରେ ନିର୍ମାଣ କରାଯାଉଥିବା କୋଠା କାମ ଖୁବ୍‌ଶୀଘ୍ର ଶେଷ କରି ହସ୍ପିଟାଲକୁ ହସ୍ତାନ୍ତର କରାଗଲେ ସ୍ଥାନ ସମସ୍ୟା ଦୂର ହୋଇପାରିବ ବୋଲି ଆରଡିସିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor- Tathagata Satpathy, ସମ୍ପାଦକ- ତଥାଗତ ସତପଥୀ



ଗୋଟିଏ ମାତ୍ର ଜାତି ଅଛି, ତାହା ମାନବ ଜାତି। ଗୋଟିଏ ମାତ୍ର ଧର୍ମ ଅଛି, ତାହା ପ୍ରେମ ଧର୍ମ। ଗୋଟିଏ ମାତ୍ର ଭାଷା ଅଛି, ତାହା ହୃଦୟର ଭାଷା। ଜଣେ ମାତ୍ର ଈଶ୍ୱର ଅଛନ୍ତି ସେ ସର୍ବବ୍ୟାପୀ। - ସତ୍ୟସାଇ ବାବା



# ଫେଲ୍ ମାରିଛି ପଲିଥିନମୁକ୍ତ ଅଭିଯାନ

**କଟକ ଅଫିସ,୧୭।୧୦**

କଟକ ସହର ହେବ ପଲିଥିନମୁକ୍ତ। ଏହି ଲକ୍ଷ୍ୟ ନେଇ କଟକ ମହାନଗର ନିଗମ(ସିଏମ୍ସି) ପକ୍ଷରୁ ବିଭିନ୍ନ ଅଭିଯାନ ଆରମ୍ଭ ହୋଇଥିଲା। ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ପଲିଥିନ୍ ବ୍ୟବହାର ନ କରିବାକୁ ଲୋକଙ୍କୁ କୁହାଯାଇଥିଲା। ଏପରି କି ବିଭିନ୍ନ ଦୋକାନରେ ଚଢାଉ କରାଯାଇ ବିପୁଳ ପରିମାଣର ପଲିଥିନ୍ ଜବତ କରାଯିବା ସହ ବ୍ୟବସାୟୀଙ୍କଠାରୁ ଜରିମାନା ଆଦାୟ କରାଯାଉଛି। ହେଲେ ପରବର୍ତ୍ତୀ ସମୟରେ ସହରର ଅବସ୍ଥା ଯଥା ପୂର୍ବଂ ତଥା ପରଂ। ପଲିଥିନ୍ ବ୍ୟବହାର ଉପରେ ସିଏମ୍ସି ବିଭିନ୍ନ କଟକଣା ଜାରି କରୁଥିଲେ ଏହାର କୌଣସି ବଡଧରଣର ପ୍ରଭାବ ପଡୁ ନ ଥିବା ଲୋକେ କହିଛନ୍ତି। ମୋଟାମୋଟି ଭାବେ କହିବାକୁ ଗଲେ ପଲିଥିନ୍ ବ୍ୟବହାର ଉପରେ ରୋକ୍ ଲଗାଇବାରେ ସିଏମ୍ସି ବିଫଳ ହୋଇଛି, ଯାହାକୁ ନେଇ ସହରବାସୀଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଇତିମଧ୍ୟରେ ସିଏମ୍ସି ପକ୍ଷରୁ ଜବତ ହୋଇଥିବା ପଲିଥିନ୍‌ଗୁଡିକୁ ବିଜୁ ଭବନ କାର୍ଯ୍ୟାଳୟର ଏକ ପ୍ରକୋଷ୍ଠରେ

**କଟକ ମହାନଗର ନିଗମ**

- ପ୍ରଭାବ ପଡୁନି କଟକଣା
- କମୁନି ପଲିଥିନ ବ୍ୟବହାର
- ଜବତ ପଲିଥିନ୍ ସିମେଣ୍ଟ ଫ୍ୟାକ୍ଟ୍ରିକୁ ଯିବ

ରଖାଯାଇଛି। ଏହାକୁ ବରଗଡ଼ର ଏକ ସିମେଣ୍ଟ ଫ୍ୟାକ୍ଟ୍ରିକୁ ଦିଆଯିବ। ସିମେଣ୍ଟ ଉତ୍ପାଦନରେ ପଲିଥିନଗୁଡ଼ିକୁ ବ୍ୟବହାର କରାଯିବ। ଫଳରେ ସିଏମ୍ସି ମଧ୍ୟ ରାଜସ୍ୱ ଲାଭ କରିବ।

## ଦାୟିତ୍ୱରେ ୨ ଏନଫୋର୍ସମେଣ୍ଟ ସ୍କ୍ୱାଡ୍

ସହରକୁ ପଲିଥିନରୁ ମୁକ୍ତ କରିବା ପାଇଁ ପ୍ରଥମେ ଡେପୁଟି କମିଶନରଙ୍କ ନେତୃତ୍ୱରେ ୪ଟି ଏନଫୋର୍ସମେଣ୍ଟ ସ୍କ୍ୱାଡ୍ ଗଠନ କରାଯାଇଥିଲା। ପରେ ଏହାକୁ ପରିବର୍ତ୍ତନ କରାଯାଇ ୨ଟି ଏନଫୋର୍ସମେଣ୍ଟ ଗଠନ ହୋଇଛି। ପ୍ରତି ସ୍କ୍ୱାଡ୍‌ରେ ୪ଜଣ ଲେଖାଏ କର୍ମଚାରୀ ଅଛନ୍ତି।

## ଟେର୍ ପାଉନି ସିଏମ୍ସି

ବଡ଼ ବ୍ୟବସାୟୀମାନେ ପଲିଥିନ କେଉଁଠୁ ଆଣୁଛନ୍ତି ତାହାର ସ୍ପଷ୍ଟ ରିପୋର୍ଟ ସିଏମ୍ସି ପାଖରେ ନାହିଁ। ଏ କଥାକୁ ସିଏମ୍ସିର ଜଣେ ବରିଷ୍ଠ ଅଧିକାରୀ ସ୍ୱୀକାର ମଧ୍ୟ କରିଛନ୍ତି। ୨୦୧୭ରେ ସିଏମ୍ସିର ଏନ୍‌ଫୋର୍ସମେଣ୍ଟ ସ୍କ୍ୱାର୍ଡ କଟକ ଉପକଣ୍ଠର କିଛି ସ୍ଥାନ ଓ ବିଭିନ୍ନ ଗୋଦାମରେ ଚଢ଼ାଉ କରିଥିଲା। ହେଲେ ପଲିଥିନ କେଉଁଠାରୁ ଆସୁଛି ତାହାର ଟେର୍ ମିଳିପାରୁନାହିଁ।

### ବନ୍ଦ ହେଉନି ପଲିଥିନ ଆମଦାନୀ

ସହର ବାହାରୁ କଟକକୁ ଆସୁଛି ପଲିଥିନ। କଟକର କାଁଭାଁ ସ୍ଥାନରେ ପଲିଥିନ, ଥର୍ମୋକୁଲ ପ୍ଲେଟ ନିର୍ମାଣ କରାଯାଉଛି। ହେଲେ ଏହା ପ୍ରଶାସନର ଦୃଷ୍ଟି ଆଢୁଆଳରେ। ଅଧିକ ମାତ୍ରାରେ ପଲିଥିନ କଟକ ଉପକଣ୍ଠ ବଜାରରୁ ଆମଦାନୀ ହେଉଥିବା ଜଣାପଡ଼ିଛି। ଯେ ପର୍ଯ୍ୟନ୍ତ ଆମଦାନୀକୁ ରୋକା ନ ଯିବ, ସେ ପର୍ଯ୍ୟନ୍ତ କଟକରେ ପଲିଥିନ ବ୍ୟବହାର ବନ୍ଦ ହୋଇପାରିବ ନାହିଁ ବୋଲି ସହରବାସୀ କହିଛନ୍ତି। ଖୁଚୁରା ବ୍ୟବସାୟୀମାନେ ହିଁ ଅଧିକ ମାତ୍ରାରେ ପଲିଥିନ ବ୍ୟବହାର କରୁଛନ୍ତି। ସିଏମ୍ସି କେବଳ ବଡ଼ ବ୍ୟବସାୟୀଙ୍କ ଉପରେ ଚଢ଼ାଉ କରୁଛି। ନଜରରୁ ଖସିଯାଉଛନ୍ତି ଖୁଚୁରା ବ୍ୟବସାୟୀ।

### ଏମାନେ କ'ଣ କୁହନ୍ତି...



ପଲିଥିନର ବିକଳ୍ପ ଭାବେ କପଡା ବ୍ୟାଗ୍ ବାହାରିଥିଲେ ମଧ୍ୟ ଏହା ସବୁକ୍ଷେତ୍ରରେ ବ୍ୟବହାର ହୋଇପାରୁନାହିଁ। ସରକାରଙ୍କ ପକ୍ଷରୁ ପ୍ରଥମେ ଏହାର ଉପଯୁକ୍ତ ବିକଳ୍ପ ବ୍ୟବହାର ବାହାର କରାଯିବା ଆବଶ୍ୟକ। ପ୍ରଶାସନ ପକ୍ଷରୁ କେବଳ ଛୋଟ ଛୋଟ ଦୋକାନରେ ଚଢାଉ ନ କରି ବଡ ବଡ ପଲିଥିନ ଗୋଦାମ ଓ କାରଖାନା ଉପରେ ଚଢାଉ କଲେ ଏହାକୁ ରୋକାଯାଇପାରିବ।

**- ନିମାଇଁ ଚରଣ ମନ୍ତ୍ରୀ, କଟକ ବାସିନ୍ଦା**



ଗତ ୧ ବର୍ଷ ମଧ୍ୟରେ ସହରର ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ମୋଟ୍ ୬୦ କୁଇଣ୍ଟାଲ ପଲିଥିନ୍ ଜବତ କରାଯାଇଛି। ଏଥିସହ ବ୍ୟବସାୟୀଙ୍କ ଠାରୁ ଜରିମାନା ଆକାରରେ ୯ ଲକ୍ଷ ଟଙ୍କା ଆଦାୟ ହୋଇଛି। ଆଗାମୀ ଦିନରେ ଚଢାଉ ବ୍ୟାପକ କରାଯିବ।

**- ପ୍ରଭାକର ସାହୁ, ଏନ୍‌ଫୋର୍ସମେଣ୍ଟ ଅଧିକାରୀ**



ସହରରେ ବାରମ୍ବାର ଚଢ଼ାଉ କରାଯାଉଛି। ଯେ ପର୍ଯ୍ୟନ୍ତ ଜନସାଧାରଣ ପଲିଥିନ ବ୍ୟବହାର ପ୍ରତି ସଚେତନ ହୋଇନାହାନ୍ତି ସେ ପର୍ଯ୍ୟନ୍ତ ପଲିଥିନମୁକ୍ତ ସହର କଳ୍ପନା ଅସମ୍ଭବ।

**- ଡ. ଅବିନାଶ ରାଉତ, ଡେପୁଟି କମିଶନର**



ଦୀପାବଳି ପାଇଁ କଟକ ବିଡାନାସୀ କୁମ୍ଭାରସାହି ଅଞ୍ଚଳରେ ଜଣେ ଶିଳ୍ପୀ ମାଟିରେ ଦୀପ ପ୍ରସ୍ତୁତ କରୁଛନ୍ତି।

# ଚୌଦ୍ୱାର ରୂପଯାତ୍ରା: ମା କୋଳକୁ ଫେରିଲା ହଜିଲା ପୁଅ

**ଚୌଦ୍ୱାର,୧୭।୧୦(ଡି.ଏନ୍.ଏ.)**

ଚୌଦ୍ୱାର ରୂପଯାତ୍ରାରେ ହଜିଯାଇଥିବା ଜଣେ ୩ ବର୍ଷର ଶିଶୁପୁତ୍ରକୁ ଗୁରୁବାର ପୋଲିସ ଉଦ୍ଧାର କରି ତାଙ୍କ ମା'ଙ୍କୁ ହସ୍ତାନ୍ତର କରିଛି। ସୂଚନା ଅନୁଯାୟୀ, କେନ୍ଦ୍ରାପଡ଼ା ଜିଲା ପାଟକୁରା ଥାନା ଅଧୀନ ପେଣ୍ଠ ଗ୍ରାମର ଅଧିକାରୀ ସେଠୀଙ୍କ ସ୍ତ୍ରୀ ଅମିତା ତାଙ୍କର ଦୁଇ ପିଲାଙ୍କୁ ନେଇ ମେଲଣ ଦେଖିବା ପାଇଁ ନୁନ୍‌କିକିରିସ୍ଥିତ ବାପଘରକୁ ଆସିଥିଲେ। ବୁଧବାର ରାତି ପ୍ରାୟ ୧୧ଟା ରେ ଅମିତା ତାଙ୍କ ପିଲାମାନଙ୍କୁ ଧରି ଯାତ୍ରାପଡିଆରେ ବୁଲାବୁଲି କରୁଥିବାବେଳେ ଭିଡ଼ରେ ତାଙ୍କର ୩ବର୍ଷର ଶିଶୁପୁତ୍ର ଅଭିଜିତ୍ ହଜିଯାଇଥିଲା। ଏ ନେଇ ଅମିତା ସୂଚନାକେନ୍ଦ୍ର ଓ ପରିବାର ଲୋକଙ୍କୁ ଜଣାଇଥିଲେ। ଖୋଜାଖୋଜି କରିଥିଲେ ମଧ୍ୟ ଅଭିଜିତକୁ ପାଇ ନ ଥିଲେ। ଶେଷରେ ପରିବାର ଲୋକେ ଚୌଦ୍ୱାର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହି ଘଟଣା ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଯାଜଭୈରବ ନୂଆଗାଁର ବାଟୁଆ ସାମଲଙ୍କ ଘରେ ଅଭିଜିତ୍ ଥିବା ଖବର ମିଳିବାରୁ ପୋଲିସ ତାଙ୍କୁ ଉଦ୍ଧାର କରିଥିଲା। ବୁଧବାର ରାତି ପ୍ରାୟ ୧୨ଟାରେ ଯାତ୍ରାପଡ଼ିଆଠାରୁ ପ୍ରାୟ ୧ କି.ମି. ଦୂର ଓଟିଏମ୍ ମାଛ ବଜାର ନିକଟରେ ଅଭିଜିତ ଛିଡ଼ାହୋଇ କାନ୍ଦୁଥିବା ଦେଖି ଯାତ୍ରାରୁ ଫେରୁଥିବା ବାଟୁଆ ତାକୁ ସାଙ୍ଗରେ ନେଇ ଯାତ୍ରା ପଡ଼ିଆକୁ ଫେରିଥିଲେ। ପିଲାଟି କାହାର ବୋଲି ସେ ଲୋକଙ୍କୁ ପଚାରିଥିଲେ ମଧ୍ୟ କେହି କହିପାରି ନ ଥିଲେ। ଫଳରେ ସେ ଅଭିଜିତଙ୍କୁ ତାଙ୍କ ଘରକୁ ନେଇ ଆସିଥିଲେ ବୋଲି ବାଟୁଆ କହିଛନ୍ତି।

## ସଂକ୍ଷେପରେ

### ଡିଭାଇଡର ଉପରେ ମାଡ଼ିଗଲା ଟ୍ରକ୍

**କଟକ ସଦର,୧୭।୧୦(ଡି.ଏନ୍.ଏ.):** କଟକ-ପାରାଦୀପ ଜାତୀୟ ରାଜପଥ ନଂ. ୫୫ର ପୁରୁଣା ଟୋଲଗେଟରେ ଥିବା ଡିଭାଇଡର ଉପରେ ଏକ ଟ୍ରକ ଗୁରୁବାର ସକାଳେ ମାଡ଼ିଯାଇଥିଲା। ଫଳରେ ଉକ୍ତ ରାସ୍ତାରେ କିଛି ସମୟ ପାଇଁ ଯାନବାହନ ଚଳାଚଳରେ ବାଧା ସୃଷ୍ଟି ହୋଇଥିଲା। ଖବରପାଇ କନ୍ଦରପୁର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଟ୍ରକକୁ ଜବତ କରିବା ସହ ଡ୍ରାଇଭରଙ୍କୁ ପଚରାଉଚରା କରିଥିଲା। ୨ବର୍ଷ ହେବ ଟୋଲଗେଟଟି ଅନ୍ୟ ସ୍ଥାନକୁ ସ୍ଥାନାନ୍ତରିତ ହୋଇଥିଲେ ମଧ୍ୟ ଅର୍ଥ ଆଦାୟ ଗୃହ, ଡିଭାଇଡର ସହ ହମ୍ପସକୁ ହଟା ଯାଉନାହିଁ। ଫଳରେ ଦୈନନ୍ଦିନ ଦୁର୍ଘଟଣା ଘଟୁଥିବା ଜଣାପଡ଼ିଛି।

### ସୁବ୍ରତ ଲେଙ୍କାଙ୍କ ଏକାଦଶାହ ଉପଲକ୍ଷେ ତିଳତର୍ପଣ

**କଟକ ଅଫିସ/ ଫୁଲନଖରା,୧୭।୧୦(ଡି.ଏନ୍.ଏ.):** ଭାରତୀୟ ଜନତା ଯୁବମୋର୍ଚ୍ଚା କଟକ ନଗର ଜିଲାର ପୂର୍ବତନ ସଭାପତି ସୁବ୍ରତ କୁମାର ଲେଙ୍କାଙ୍କ ଏକାଦଶାହ ଅବସରରେ କଟକ ଗଡଗଡିଆ ଘାଟଠାରେ ଯୁବମୋର୍ଚ୍ଚା ପକ୍ଷରୁ ଗୁରୁବାର ତିଳତର୍ପଣ କରାଯାଇଥିଲା। ଏଥିରେ ଯୁବମୋର୍ଚ୍ଚା ସଭାପତି ସ୍ୱାଧୀନ ମହାନ୍ତି, ପ୍ରମୋଦ ସାହୁ, ସ୍ମୃତି ରଞ୍ଜନ ମିଶ୍ର, ସୁରେଶ ମହାନ୍ତି, ନୱାଜ ନସିମଙ୍କ ସମେତ ବହୁ କର୍ମକର୍ତ୍ତା ଯୋଗଦେଇ ସ୍ମୃତିଚାରଣ କରିଥିଲେ। ସେହିପରି ଫୁଲନଖରାସ୍ଥିତ ଲକ୍ଷେଶ୍ୱର ମହାଦେବଙ୍କ ପୀଠରେ ଶାନ୍ତିପାଠ ସହ ପୁରୀ ମୁଖ୍ୟ କେନାଲରେ ତିଳତର୍ପଣ କରାଯାଇଥିଲା। ଏହି ଉତ୍ସବରେ କଟକ ଜିଲା ଭାଜପା ଯୁବମୋର୍ଚ୍ଚାର ସଭାପତି ଭକ୍ତବତ୍ସଳ ବସ୍ତିଆଙ୍କ ଅଧ୍ୟକ୍ଷତାରେ ଜିଲା ସମ୍ପାଦକ ଚନ୍ଦ୍ରଶେଖର ମଲ୍ଲିକ, ରଞ୍ଜିତ ପଣ୍ଡା, ପ୍ରସନ୍ନ ପ୍ରଧାନ, ଦୀପକ ନାୟକ, ସୁଦର୍ଶନ ଲେଙ୍କା, କିରଣ ସାହୁ, ପ୍ରଦୀପ ନାୟକ ପ୍ରମୁଖ ସୁବ୍ରତଙ୍କ ସ୍ମୃତିଚାରଣ କରିଥିଲେ।

### ଭାରତମାତା ପୂଜନ ସମିତିର ନୂତନ କର୍ମକର୍ତ୍ତା

**କଟକ ଅଫିସ, ୧୭।୧୦:** ଭାରତମାତା ପୂଜନ ସମିତିର ସାଧାରଣ ଅଧିବେଶନ ଗୁରୁବାର ସିଡ଼ିଏସ୍ଥିତ ସମିତିର କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମିତି ସଭାପତି ଭିକାରୀ ଦାସ ଅଧ୍ୟକ୍ଷତା କରିଥିଲେ। ଆଗାମୀ ୫ ବର୍ଷ ପାଇଁ ସମିତିର ନୂତନ କର୍ମକର୍ତ୍ତା ଚୟନ ହୋଇଛନ୍ତି। ମୁଖ୍ୟ ପୃଷ୍ଠପୋଷକ ଭାବେ ସମୀର ଦେ, ସଭାପତି ଭିକାରୀ ଦାସ, ଉପସଭାପତି ସବିତା ରଞ୍ଜନ ପଟ୍ଟନାୟକ, ଦୟାନିଧି ଲେଙ୍କା, ରଜନୀକାନ୍ତ ଦାସ, ନିବେଦିତା ପ୍ରଧାନ, ଲକ୍ଷ୍ମୀଧର ପ୍ରଧାନ ଓ ଅକ୍ଷୟ କୁମାର ଆଚାର୍ଯ୍ୟ, ସାଧାରଣ ସମ୍ପାଦକ ମନୋରଞ୍ଜନ ସାହୁ, ସମ୍ପାଦକ ହରପ୍ରସନ୍ନ ଦାଶ, ଲଲାଟେନ୍ଦୁ ଦାସ, ଜ୍ୟୋତିରଞ୍ଜନ ପଲେଇ, ସ୍ୱାଧୀନ ମହାନ୍ତି, ସୁଦୀପ୍ତ କୁମାର ସ୍ୱାଇଁ ଓ ଗୀତାଞ୍ଜଳି ବେଉରା, କୋଷାଧ୍ୟକ୍ଷା ଭାବେ ଗୀତାରାଣୀ ଦାସ ମନୋନୀତ ହୋଇଛନ୍ତି।




ବିଶ୍ୱ ଟ୍ରମା ଦିବସ ପାଳନ ଅବସରରେ ଗୁରୁବାର ସିଡ଼ିଏସ୍ଥିତ ଅଶ୍ୱିନୀ ଟ୍ରମା ସେଣ୍ଟର ନିକଟରୁ ବାହାରିଥିବା ସଚେତନତା ଶୋଭାଯାତ୍ରା।

- ଧବଳେଶ୍ୱରଙ୍କ ବଡ଼ଓଷା, ପଞ୍ଚକ ପ୍ରସ୍ତୁତି ବୈଠକ

# ସ୍ୱଚ୍ଛତା, ପରିମଳକୁ ଗୁରୁତ୍ୱ: ପଲିଥିନକୁ ନା

**ଖୁଣ୍ଟୁଣୀ,୧୭।୧୦(ଡି.ଏନ୍.ଏ.)**

ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ ଧବଳେଶ୍ୱର ଦେବଙ୍କ ପଞ୍ଚକ ଓ ବଡ଼ଓଷା ପାଇଁ ଗୁରୁବାର ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଧବଳେଶ୍ୱରଙ୍କ ପୀଠରେ ଅନୁଷ୍ଠିତ ଏହି ବୈଠକରେ ପୂଜକ ସମାଜ ସଭାପତି ବିଷ୍ଣୁ ଚରଣ ପତ୍ରୀଙ୍କ ମଙ୍ଗଳାଷ୍ଟକ ପାଠ ପରେ ଉପଜିଲାପାଳ ଅମୀୟ କୁମାର ସାହୁ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଚଳିତବର୍ଷ ନଭେମ୍ବର ୮ରୁ ୧୨ତାରିଖ ପର୍ଯ୍ୟନ୍ତ ପଞ୍ଚକ ଯାତ୍ରା ଅନୁଷ୍ଠିତ ହେବ। ୧୦ତାରିଖ ମଧ୍ୟରାତ୍ରିରେ ଧବଳେଶ୍ୱର ଦେବଙ୍କୁ ଗଜ ଭୋଗ ଲାଗି ପରେ ୧୧ତାରିଖ ଭୋରରେ ଭକ୍ତଙ୍କୁ ବିତରଣ କରାଯିବ। ପୀଠରେ ପଲିଥିନ ବ୍ୟବହାରକୁ ନିଷେଧ କରାଯାଇଥିବା ବେଳେ ପରିମଳ ବ୍ୟବସ୍ଥା ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବା ପାଇଁ ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଝୁଲାପୋଲରେ ପୀଠକୁ ଯାଉଥିବା ଭକ୍ତଙ୍କଠାରୁ ଜଣକ ପିଛା ୨ଟଙ୍କା ପରିବର୍ତ୍ତେ ୫ଟଙ୍କା ଆଦାୟ କରାଯିବ। ପୀଠ ଭିତରେ ଓ ଝୁଲାପୋଲ ପ୍ରବେଶ ପଥର ଉଭୟ ପାର୍ଶ୍ୱରେ ସିସି କ୍ୟାମେରା ଖଞ୍ଜାଯିବା ସହ ଆପରାଧିକ କାର୍ଯ୍ୟକଳାପ ଉପରେ ନଜର ରଖାଯିବ। ପଞ୍ଚକ ପାଞ୍ଚଦିନ ପୀଠକୁ ଉଜ୍ଜ୍ୱଳ ଆଲୋକରେ ଆଲୋକିତ କରାଯିବା ସହ ମଧୁସୂଦନ ସେତୁର ଉଭୟ ପାର୍ଶ୍ୱ ପ୍ରବେଶ ପଥରେ ଆଲୋକ ବ୍ୟବସ୍ଥା କରିବାକୁ ଜିଲାପାଳ ଚୌଦ୍ୱାର ସେତୁ ନିର୍ବାହୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପୀଠକୁ ୨୦ପ୍ଲାଟୁନ ଫୋର୍ସ, ୨ଜଣ ଅତିରିକ୍ତ ଏସ୍‌ପି, ୭ଜଣ ଡିଏସ୍‌ପି, ୧୪ଜଣ ଇନ୍ସପେକ୍ଟର, ୮୪ଜଣ ଏଏସ୍‌ଆଇ, ୧୮୦ଜଣ ହୋମଗାର୍ଡଙ୍କୁ ନିୟୋଜିତ କରିବାକୁ ଜିଲାପାଳଙ୍କୁ ଅତିରିକ୍ତ ଏସ୍‌ପି ଅଲେଖ ଚନ୍ଦ୍ର ପହି ପ୍ରତିଶ୍ରୁତି ଦେଇଥିଲେ। ବୈଠକରେ ବିଡିଓ ଅଜାମ୍ବର ମହାନ୍ତି, ତହସିଲଦାର ତପନ ଖୁଣ୍ଟିଆ, ଚୌଦ୍ୱାର ଏସ୍‌ଡିପିଓ ପ୍ରଶାନ୍ତ ମଲ୍ଲ, ଅତିରିକ୍ତ ଦେବୋତ୍ତର କମିଶନର ଦେବାଶିଷ ଦାସ, ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ସତ୍ୟବ୍ରତ ଛୋଟରାୟ, ସତ୍ୟବ୍ରତ ସାହୁ, କିରଣ ଖଟୁଆ, ମାଗୁଣି ଚରଣ ରାଉତ, ସୁଚିତ୍ର ବିର୍ଯ୍ୟ ଦାସ, ବିଜୟ ବିସି, ସନ୍ତୋଷ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ।

## ବୋଷରେ ନୂତନ ଅଧ୍ୟକ୍ଷ

**କଟକ ଅଫିସ,୧୭।୧୦**

ଭୁବନାନନ୍ଦ ଓଡ଼ିଶା ସ୍କୁଲ ଅଫ ଇଞ୍ଜିନିୟରିଂ (ବୋଷ)ର ନୂତନ ଅଧ୍ୟକ୍ଷ ଭାବେ ଇଂ. ଜ୍ଞାନରଞ୍ଜନ ରାୟ ଗୁରୁବାର ଯୋଗଦେଇଛନ୍ତି। ସେ ସମ୍ବଲପୁର ସରକାରୀ ପଲିଟେକ୍‌ନିକ୍ କଲେଜର ଅଧ୍ୟକ୍ଷ ଭାବେ କାର୍ଯ୍ୟ କରୁଥିଲେ। ଏଥିସହିତ ବୈଷୟିକ ଶିକ୍ଷା ନିର୍ଦ୍ଦେଶାଳୟର ଉପନିର୍ଦ୍ଦେଶକ ଭାବେ ମଧ୍ୟ କାର୍ଯ୍ୟ କରିଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୨ ଦଫା ଦାବିପତ୍ର

**କଟକ ଅଫିସ, ୧୭।୧୦**

ଅଲ ଓଡ଼ିଶା ଲୟର୍ସ ଆସୋସିଏଶନ ପକ୍ଷରୁ ଗୁରୁବାର ଦୁଇଦଫା ସମ୍ବଳିତ ଦାବିପତ୍ର କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ପୂର୍ବରୁ ଆସୋସିଏଶନର ଉପସଭାପତି ଓ କ୍ରିମିନାଲ କୋର୍ଟ ବାର୍‌ର ପୂର୍ବତନ ସଭାପତି ଅକ୍ଷୟ କୁମାର ପତିଙ୍କ ନେତୃତ୍ୱରେ ଆଇନଜୀବୀମାନଙ୍କର ଏକ ପଟୁଆର କ୍ରିମିନାଲ ବାର୍ ସମ୍ମୁଖରୁ ବାହାରି ଜିଲା ଆରଡିସି କାର୍ଯ୍ୟାଳୟରେ ପହଞ୍ଚିଥିଲା। ପ୍ରତ୍ୟେକ ଆଇନଜୀବୀଙ୍କ ପରିବାରକୁ ୫ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟ ବୀମା ଓ ରାଜ୍ୟ ଆଇନଜୀବୀ ପରିଷଦକୁ ୧୦୦ କୋଟି ଟଙ୍କାର ସହାୟତା ଦେବା ପାଇଁ ଏହି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଆଇନଜୀବୀ ମୁକ୍ତିକାନ୍ତ ଦାସ, ଦିଲୀପ ପଟ୍ଟନାୟକ, ସଂଗ୍ରାମ ଦାସ, ବିଷ୍ଣୁପ୍ରିୟ ବେହେରାଙ୍କ ସହ ଶତାଧିକ ଆଇନଜୀବୀ ସାମିଲ ହୋଇଥିଲେ।

# ଯୁବ ଜ୍ୟୋତିର୍ବିଜ୍ଞାନୀ କାର୍ଯ୍ୟକ୍ରମ

**ଚୌଦ୍ୱାର,୧୭।୧୦(ଡି.ଏନ୍.ଏ.)**

କଖଡି ନୋଡାଲ ହାଇସ୍କୁଲରେ ଗୁରୁବାର ଯୁବ ଜ୍ୟୋତିର୍ବିଜ୍ଞାନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଟାଟା ଷ୍ଟିଲ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ୯ମ ଓ ୧୦ମ ଶ୍ରେଣୀର ୨୪ଜଣ ଛାତ୍ରୀଛାତ୍ର ବ୍ରହ୍ମାଣ୍ଡ ବିସ୍ମୟ ଉନ୍ମୋଚନ ଶୀର୍ଷକ ପ୍ରବନ୍ଧ ଲିଖନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ବିଦ୍ୟାଳୟର ୧୨୪ ଛାତ୍ରୀଛାତ୍ର କୁଇଜ୍ ପ୍ରତିଯୋଗିତାରେ ସାମିଲ ହୋଇଥିଲେ। ପ୍ରଧାନଶିକ୍ଷକ ଶିବ ପ୍ରସାଦ ପତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସହ ଗୋଷ୍ଠୀ ଶିକ୍ଷାଧିକାରୀ ଏକାଦଶୀ ବେହେରା, ଟାଟାଷ୍ଟିଲର ଭବାନୀ ଶଙ୍କର ନାୟକ, କିଶୋର ନାୟକ, ବସନ୍ତ ବେହେରା, ରଞ୍ଜନ ମୁଦୁଲି ପ୍ରମୁଖ ଅତିଥିଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଶିକ୍ଷକ ରଞ୍ଜିତ୍ ନାୟକ, ହେମନ୍ତ ସାହୁ, କୈଳାସ ଚନ୍ଦ୍ର ଦାସ, ହୃଦାନନ୍ଦ ନାୟକ ଓ ସୁକାନ୍ତ ନାୟକ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ବରିଷ୍ଠ ନାଗରିକ ମଞ୍ଚର ବୈଠକ

**କଟକ ସଦର,୧୭।୧୦(ଡି.ଏନ.ଏ)**

ବରିଷ୍ଠ ନାଗରିକ ମଞ୍ଚର ବୈଠକ ଶୁକ୍ରବାର ସଭାପତି ପଣ୍ଡିତ କୃଷ୍ଣଚନ୍ଦ୍ର ତ୍ରିପାଠୀଙ୍କ ପୌରହିତ୍ୟରେ କନ୍ଦରପୁରଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଣ୍ଡିତ କୃଷ୍ଣଚନ୍ଦ୍ର ନନ୍ଦଶର୍ମା ମୁଖ୍ୟଅତିଥି, ବିଷ୍ଣୁ ପ୍ରସାଦ ଦାସ ମୁଖ୍ୟବକ୍ତା, ସମ୍ମାନିତ ଅତିଥି ଭାବେ ସରପଞ୍ଚ ଯତୀନ କୁମାର ରାଉଳ, ପ୍ରଫୁଲ୍ଲ ଭୋଇ ଓ ନିମାଇଁ ଚରଣ ମହାପାତ୍ର ଯୋଗଦେଇଥିଲେ। ବରିଷ୍ଠ ନାଗରିକମାନଙ୍କର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିବାବେଳେ ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ସ୍ଥାନୀୟ ଅଞ୍ଚଳର ୫ଜଣ ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ପ୍ରାରମ୍ଭରେ ମଞ୍ଚର ଉପସଭାପତି ମହାଦେବ ମହାରଣା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସମ୍ପାଦକ ସନ୍ତୋଷ କୁମାର ତ୍ରିପାଠୀ ବିବରଣୀ ପାଠ କରିଥିଲେ।

# ଧ୍ୱନି ବିଜ୍ଞାନ ସମ୍ମିଳନୀ ଉଦ୍‌ଘାଟିତ

**କଟକ ଅଫିସ, ୧୭।୧୦**

ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ସେଭେନ ପିଲାର ଅଫ ୱିଜଡମଠାରେ ଆଧୁନିକ ଯୁଗରେ ଧ୍ୱନି ବିଜ୍ଞାନ ଏବଂ ତାର ବୈଷୟିକ ପ୍ରଯୁକ୍ତି ଓ ବ୍ୟବହାର ଜନିତ ତିନିଦିନିଆ ସମ୍ମିଳନୀ ଗୁରୁବାର ଉଦ୍‌ଘାଟିତ ହୋଇଛି। କାନାଡାର ଧ୍ୱନୀ ବୈଜ୍ଞାନିକ ପ୍ରଫେସର ଜନ ଓ କେଫି ମୁଖ୍ୟଅତିଥି ଭାବେ ଯୋଗଦେଇ ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ। କୁଳପତି ପ୍ରଫେସର ଈଶାନ କୁମାର ପାତ୍ର ଯୋଗଦେଇ କହିଥିଲେ, ପୁରାଣ ଯୁଗରେ ଧ୍ୱନୀ ବିଜ୍ଞାନର ଅବସ୍ଥିତି ଥିଲା। ଅଭିମନ୍ୟୁ ଧ୍ୱନି ବିଜ୍ଞାନ ମାଧ୍ୟମରେ ଯୁଦ୍ଧ କରିଥିଲେ ଏବଂ ଆଧୁନିକ ଯୁଗରେ ତାହାର ପ୍ରଭାବ ବିଷୟରେ କହିଥିଲେ। ଭାରତୀୟ ଧ୍ୱନି ବିଜ୍ଞାନ ସଭାପତି ପ୍ରଫେସର ଭି.ଆର. ସିଂହ ଓ ସାଧାରଣ ସମ୍ପାଦକ ମହାବୀର ସିଂହ ଯୋଗଦେଇ ଧ୍ୱନି ବିଜ୍ଞାର ବୈଷୟିକ ଜ୍ଞାନ ଉପରେ ଆଲୋକପାତ କରିଥିଲେ। ଏହି ସମ୍ମିଳନୀରେ ଦେଶର ବିଭିନ୍ନ ଆଇଆଇଟି, ବିଶ୍ୱବିଦ୍ୟାଳୟ ରିସର୍ଚ୍ଚର, ବୈଜ୍ଞାନିକମାନେ ଯୋଗଦେଇ ଡିଜାଇନ ମାଧ୍ୟମରେ ଧ୍ୱନି ବିଜ୍ଞାନ ସମ୍ପର୍କିତ ବସ୍ତୁ ଓ ତଥ୍ୟ ଉପରେ ମତ ରଖିଥିଲେ। ଏହି ଅବସରରେ କାନାଡା ଆଇଆଇଟିର ପ୍ରଫେସର ରାମ ଭଞ୍ଜ, କାନପୁର ଆଇଆଇଟିର ପ୍ରଫେସର ନଚିକେତା ତିୱାରୀ, ଦିଲ୍ଲୀ ଆଇଆଇଟିର ପ୍ରଫେସର ରାଜାରାମ ଯାଦବଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଫେସର ରୀତା ପାଇକରାୟ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପ୍ରଫେସର ସ୍ମୃତିପ୍ରଭା ଦାସ, ଡ. ଜ୍ଞାନ ରଞ୍ଜନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିବାବେଳେ ପ୍ରଫେସର ଗଣେଶ୍ୱର ନାଥ ଧନ୍ୟବାଦ ଦେଇଥିଲେ।




ସମ୍ମିଳନୀରେ ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

# ରାଣୀହାଟ ଅଞ୍ଚଳରେ ବେଆଇନ ପାର୍କିଂ

**କଟକ ଅଫିସ, ୧୭।୧୦**

କଟକ ରାଣୀହାଟ ଅଞ୍ଚଳରେ ବେଆଇନ ପାର୍କିଂ ବଢିବାରେ ଲାଗିଛି। ଡିଜିପିଙ୍କ ନିର୍ଦ୍ଦେଶକ୍ରମେ ପୋଲିସ ପ୍ରଶାସନ କିଛିଦିନ ଆକ୍ସନ୍ ମୋଡରେ ରହି ସହରର ଜନଗହଳୀପୂର୍ଣ୍ଣ ରାସ୍ତା ପାର୍ଶ୍ୱରୁ ଜବରଦଖଲ ହଟାଇବା ସହ ବେଆଇନ ପାର୍କିଂ ଉଚ୍ଛେଦ କରିଥିଲା। ହେଲେ କିଛିଦିନ ପରେ ଆକ୍ସନ୍ ମୋଡ୍‌ରେ ଥିବା ପୋଲିସ ଚୁପ୍ ବସିଛି ବୋଲି ଲୋକେ ଅଭିଯୋଗ କରିଛନ୍ତି। ଜବରଦଖଲ ଉଚ୍ଛେଦର କିଛିଦିନ ପରେ ପୁଣି ରାସ୍ତାପାର୍ଶ୍ୱରେ ଉଠା ଦୋକାନ ଓ ବେଆଇନ ପାର୍କିଂ ଦେଖିବାକୁ ମିଳୁଛି। ରାଣୀହାଟ କଟକ ସହରର ଏକ ପ୍ରମୁଖ ଅଞ୍ଚଳ। ଏଠାରେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ, ଏସ୍‌ସିବି ମେଡିକାଲ, ବିଭିନ୍ନ ଛୋଟବଡ଼ ଶିକ୍ଷାନୁଷ୍ଠାନ ଓ ସରକାରୀ କାର୍ଯ୍ୟାଳୟ ରହିଥିବାବେଳେ ରାଜ୍ୟର ବିଭିନ୍ନ ଅଞ୍ଚଳର ଲୋକେ କାମ ପାଇଁ ବହୁ ସଂଖ୍ୟାରେ ଲୋକ ଏହି ରାସ୍ତା ଦେଇ ଯାତାୟାତ କରିଥାନ୍ତି। ଏଥିଯୋଗୁ ରାଣୀହାଟରୁ ମଙ୍ଗଳାବାଗ ଓ ରାଣୀହାଟରୁ କଲେଜ ଛକ ଯିବା ରାସ୍ତା ଅଧିକାଂଶ ସମୟ ଟ୍ରାଫିକ ଜାମ୍ ରହୁଛି। ବେଆଇନ ପାର୍କିଂ ଏହାର ପ୍ରମୁଖ କାରଣ ହୋଇଥିବାବେଳେ ଏହି ରାସ୍ତାରେ ଟ୍ରାଫିକ ଡ୍ୟୁଟିରେ ଥିବା ପୋଲିସ କର୍ମଚାରୀଙ୍କ ଏଥିପ୍ରତି ନଜର ପଡୁନି। ବେଆଇନ ପାର୍କିଂ ଯୋଗୁ ଦୀର୍ଘ ସମୟ ଧରି ଟ୍ରାଫିକ ଜାମ୍ ରହୁଥିବାରୁ ଗୁରୁତର ରୋଗୀମାନଙ୍କୁ ନେଇ ଯାଉଥିବା ଆମ୍ବୁଲାନ୍ସ ମେଡ଼ିକାଲରେ ପହଞ୍ଚିବାକୁ ବିଳମ୍ବ ହେଉଛି। ଅନ୍ୟପକ୍ଷରେ ନୋ ପାର୍କିଂ ବୋର୍ଡ ଲଗାଯାଇଥିବା ସ୍ଥାନରେ ଲୋକମାନେ ଗାଡି ପାର୍କିଂ କରୁଥିବା ଦେଖିବାକୁ ମିଳିଛି।

କିଛିଦିନ ତଳେ କଲେଜ ଛକ ଟ୍ରାଫିକ ନିକଟରେ ଟ୍ରକ୍ ଧକ୍କାରେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ଜଣେ ଛାତ୍ରୀଙ୍କ ମୃତ୍ୟୁ ଘଟିଥିଲା। ଟ୍ରାଫିକ ପୋଲିସର ଭୁଲ୍ ପାଇଁ ଏପରି ଘଟଣା ଘଟିଥିବାରୁ ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଦେଖାଯାଇଥିଲା। ଏହାପରେ ଟ୍ରାଫିକ କାର୍ଯ୍ୟରେ ନିୟୋଜିତ ୨ଜଣ କର୍ମଚାରୀଙ୍କୁ ନିଲମ୍ବନ କରାଯିବା ସହ ସେହି ଅଞ୍ଚଳରୁ ସମସ୍ତ ବେଆଇ ପାର୍କିଂ ଉଚ୍ଛେଦ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ପାଟ୍ରୋଲିଂ ସହ ରାସ୍ତାପାର୍ଶ୍ୱରେ ବେଆଇନ ପାର୍କିଂ କରୁଥିବା ଗାଡିଚାଳକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଟ୍ରାଫିକ ପୋଲିସ ପକ୍ଷରୁ କୁହାଯାଇଥିଲା। ମାତ୍ର ଏବେ ଏହି ରାସ୍ତାର ଉଭୟ ପାର୍ଶ୍ୱରେ ବହୁସଂଖ୍ୟାରେ ଗାଡି ପାର୍କିଂ କରାଯାଉଥିବା ଦେଖିବାକୁ ମିଳିଛି। ଅନ୍ୟପକ୍ଷେ ରାଣୀହାଟ ଅଞ୍ଚଳରେ ସିଏମ୍ସି ପକ୍ଷରୁ କୌଣସି ନିର୍ଦ୍ଦିଷ୍ଟ ପାର୍କିଂସ୍ଥଳୀ ନ ଥିବାରୁ ଚାଳକମାନେ ବାଧ୍ୟହୋଇ ରାସ୍ତାପାର୍ଶ୍ୱରେ ପାର୍କିଂ କରୁଛନ୍ତି ବୋଲି ସ୍ଥାନୀୟ ବ୍ୟବସାୟୀ ମତବ୍ୟକ୍ତ ଦେଇଛନ୍ତି।



ରାସ୍ତାରେ ବେଆଇନ ଭାବେ ଗାଡି ପାର୍କିଂ।




ନୋ ପାର୍କିଂ ସ୍ଥାନରେ ଗାଡି ରଖାଯାଇଛି।

- ଆକ୍ସନ ମୋଡ୍‌ରେ ଥିବା ପୋଲିସ ଚୁପ୍
- ଟ୍ରାଫିକ ଜାମ୍ ଯୋଗୁ ମେଡିକାଲରେ ବିଳମ୍ବରେ ପହଞ୍ଚୁଛି ଆମ୍ବୁଲାନ୍ସ

ବେଆଇନ ପାର୍କିଂ ଉପରେ ଆମ ଆଭିମୁଖ୍ୟ ସର୍ବଦା କଠୋର ରହିଆସିଛି। ଏଭଳି ଘଟଣା ଆମ ନଜରକୁ ଆସିଲେ ଆମେ କାର୍ଯ୍ୟାନୁଷ୍ଠାନ ନେଉଛୁ। ପାର୍ବଣ ପାଇଁ ଏହି ପ୍ରକ୍ରିୟା କିଛିଦିନ ବନ୍ଦ ରହିଥିଲା। ଆଗକୁ ରାଣୀହାଟରୁ କଲେଜ ଛକ ମଧ୍ୟରେ ହେଉଥିବା ବେଆଇନ ପାର୍କିଂ ଉଚ୍ଛେଦ ହେବା ସହ ପାର୍କିଂ କରୁଥିବା ଚାଳକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ।

**– ଜତିନ କୁମାର ପଣ୍ଡା, ଟ୍ରାଫିକ ଏସିପି**



ଗୋଟିଏ ମାତ୍ର ଜାତି ଅଛି, ତାହା ମାନବ ଜାତି। ଗୋଟିଏ ମାତ୍ର ଧର୍ମ ଅଛି, ତାହା ପ୍ରେମ ଧର୍ମ। ଗୋଟିଏ ମାତ୍ର ଭାଷା ଅଛି, ତାହା ହୃଦୟର ଭାଷା। ଜଣେ ମାତ୍ର ଈଶ୍ୱର ଅଛନ୍ତି ସେ ସର୍ବବ୍ୟାପୀ। - ସତ୍ୟସାଇ ବାବା



## ସଂକ୍ଷେପରେ

### ଟ୍ରେନ୍‌ରେ କଟି ଅଚିହ୍ନା ଯୁବତୀଙ୍କ ମୃତ୍ୟୁ

ନିରାକାରପୁର, ୧୭।୧୦ (ଡି.ଏନ.ଏ.)- ଖୋର୍ଦ୍ଧା ରେଳ ଡିଭିଜନ ଅଧୀନରେ ଥିବା ନିରାକାରପୁର ଷ୍ଟେଶନ ଏକ ନମ୍ବର ପ୍ଲାଟ ଫର୍ମ ଉପରେ ଗୁରୁବାର ରାତି ସାଢେ ୮ଟାରେ ଟ୍ରେନରେ କଟି ଜଣେ ଯୁବତୀଙ୍କ ମୃତ୍ୟୁ ହୋଇଛି। ସେ ଆତ୍ମହତ୍ୟା କରିଥିବା କୁହାଯାଉଛି। ମୃତ ଯୁବତୀଙ୍କ ପରିଚୟ ମିଳି ନ ଥିବା ବେଳେ ସେ ଆଖପାଖ ଅଞ୍ଚଳର ହୋଇ ଥାଇପାରନ୍ତି ବୋଲି ଅନୁମାନ କରାଯାଉଛି । ତେବେ କେତେକ ପ୍ରତ୍ୟକ୍ଷ ଦର୍ଶୀଙ୍କକହିବା ଅନୁସାରେ, ଯୁବତୀ ଷ୍ଟେଶନ ଉପରେ ଫୋନ କରି କାନ୍ଦୁଥିବା ଥିବା ବେଳେ ହଠାତ୍ ବାଲୁଗାଁ ଆଡୁ ଖୋର୍ଦ୍ଧା ରୋଡ ଅଭିମୁଖେ ଯାଉଥିବା ଏକ ମାଲବାହୀ ଟ୍ରେନ ଚକା ତଳେ ବେକ ଦେଖାଇ ଆତ୍ମହତ୍ୟା କରିଥିଲେ ।

### ଟ୍ରେନ୍ ଦୁର୍ଘଟଣାରେ ମହିଳା ମୃତ

ବେଗୁନିଆ, ୧୭। ୧୦ (ଡି.ଏନ.ଏ.)- ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ ଅଧୀନ ବେଗୁନିଆ ଥାନା ରାସୋଳ ଗାଁ ନିକଟରେ ଟ୍ରେନ୍ ଦୁର୍ଘଟଣାରେ ଜଣେ ମହିଳା ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ଅଭିଯୋଗ ପାଇବା ପରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଅଧିକ ତଦନ୍ତ କରୁଛି। ମୃତା ମହିଳାଙ୍କ ପୁଅ ପୂର୍ଣ୍ଣଚନ୍ଦ୍ରଙ୍କ ଅଭିଯୋଗ ମୁତାବକ ଏହି ଥାନା ବୋଲଗଡ ବ୍ଲକ ରାସୋଳ ଗାଁର ସଚଳା ଜୟସିଂ(୫୪) ଗୁରୁବାର ସକାଳୁ ଟ୍ରେନ୍ ଲାଇନ ଅତିକ୍ରମ କରୁଥିଲେ। ଖୋର୍ଦ୍ଧା ଅଭିମୁଖେ ଯାଉଥିବା ଟ୍ରେନ୍‌ଟି ଧକ୍କା ତାଙ୍କୁ ଦେଇଥିଲା। ସଚଳା ରେଳ ଧାରଣାରେ ପଡି ଯାଇଥିଲେ। ତାଙ୍କ ଶରୀର କ୍ଷତ ବିକ୍ଷତ ହୋଇଯାଇଥିଲା। ଘଟଣାସ୍ଥଳରୁ ମୃତଦେହ ପୋଲିସ ଜବତ କରି ବ୍ୟବଚ୍ଛେଦ ପାଇଁ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା।

### ମହିଳାଙ୍କ ମୃତ୍ୟୁ ସନ୍ଦେହଘେରରେ

ଟାଙ୍ଗୀ (ଖୋର୍ଦ୍ଧା), ୧୭।୧୦ (ଡି.ଏନ.ଏ.)- ଟାଙ୍ଗୀ ଥାନା ଅନ୍ତର୍ଗତ ସାନକୁସୁମୀ ଗ୍ରାମରେ ଜଣେ ବିବାହିତ ମହିଳାଙ୍କ ମୃତ୍ୟୁ ଘଟିଛି। ତାଙ୍କ ମୃତ୍ୟୁ ନେଇ ସନ୍ଦେହପ୍ରକାଶ ପାଇଛି। ମୃତ ମହିଳା ହେଲେ ସବିତା ମହାନ୍ତି। ପ୍ରକାଶ ଯେ, ମଙ୍ଗଳବାର କିଶୋର ମହାନ୍ତିଙ୍କ ସ୍ତ୍ରୀ ସବିତା କୌଣସି କାରଣରୁ ପୋଡି ହୋଇଯାଇଥିବା ବେଳେ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ତାଙ୍କର ମୃତ୍ୟୁ ହୋଇଥିଲା । ସେହି ଘଟଣାରେ ଖଣ୍ଡଗିରି ପୋଲିସ ସବିତାଙ୍କ ସ୍ୱାମୀ କିଶୋରଙ୍କୁ ଅଟକ ରଖି ପଚରା ଉଚୁରା କରୁଥିବା ଜଣାପଡିଛି । ମୃତା ସବିତାଙ୍କ ଘର ଜଙ୍କିଆ ଥାନା ଅନ୍ତର୍ଗତ ସିକୋ ଗ୍ରାମରେ । ୧୮ ବର୍ଷ ପୂର୍ବେ ସେ କିଶୋରଙ୍କୁ ଦ୍ୱିତୀୟ ବିବାହ କରିଥିଲେ । କିନ୍ତୁ ସ୍ୱାମୀ ସ୍ତ୍ରୀଙ୍କ ଦାମ୍ପତ୍ୟ ଜୀବନ ସୁଖମୟ ନ ଥିଲା । ଫଳରେ କିଶୋରଙ୍କ ନାମରେ ବିଗତ ଦିନରେ ଏକ ଯୌତୁକଜନିତ ମାମଲା ରୁଜୁ ହୋଇଥିଲା। ତେବେ କେଉଁ ପରିସ୍ଥିତିରେ ତାଙ୍କ ଦେହରେ ନିଆଁ ଲାଗିଲା ତାହା ସ୍ପଷ୍ଟ ହୋଇ ନ ଥିବା ବେଳେ ତାଙ୍କର ମୃତ୍ୟୁ ଖବର ପାଇ ତାଙ୍କ ଭାଇ ଶଶାଙ୍କ ଟାଙ୍ଗୀ ଥାନାରେ ପହଞ୍ଚି ଭଉଣୀଙ୍କୁ ପୋଡି ମାରି ଦିଆଯାଇଥିବା ନେଇ ଲିଖିତ ଅଭିଯୋଗ କରିଛନ୍ତି।

### ମରଣ ଯନ୍ତା ପାଲଟିଛି ୫୭ନଂ ଜାତୀୟ ରାଜପଥ

ଭୁବନେଶ୍ୱର, ୧୭।୧୦ (ବ୍ୟୁରୋ)- **ଖୋର୍ଦ୍ଧା** ଠାରୁ ବଲାଙ୍ଗୀର ଯାଉଥିବା ୫୭ ନମ୍ବର ଜାତୀୟ ରାଜପଥର ଅବସ୍ଥା ଦୀର୍ଘ ଦିନ ହେବ ଅତ୍ୟନ୍ତ ଦୟନୀୟ ହୋଇ ପଡିଛି। ଖୋର୍ଦ୍ଧାଠାରୁ ନୟାଗଡ ପର୍ଯ୍ୟନ୍ତ ଏହି ରାସ୍ତା ଦେଇ ମନ୍ତ୍ରୀ , ନେତା, ସରକାରୀ ଅଧିକାରୀମାନେ ନିୟମିତ ଯିବା ଆସିବା କରୁଛନ୍ତି। ଏଥିସହିତ ହଜାର ହଜାର ସଂଖ୍ୟାରେ ଯାନବାହନ ଚଳାଚଳ ହେଉଛି। ମାତ୍ର ପରିତାପର ବିଷୟ ଯେ ଏଥି ପ୍ରତି କାହାର ଦୃଷ୍ଟି ପଡୁ ନାହିଁ। ସରକାର ସଂଶୋଧିତ ମୋଟର ଯାନ ଆଇନ କାର୍ଯ୍ୟକାରୀ ଜରିମାନା ଆଦାୟ କରୁଥିବା ବେଳେ ରାସ୍ତାର ଦୂରାବସ୍ଥା ଯୋଗୁ ଯେଉଁ ଦୁର୍ଘଟଣା ଘଟୁଛି ତାହାର କ୍ଷତି ପୂରଣ କି ଦେବ ବୋଲି ସାଧାରଣରେ ପ୍ରଶ୍ନ ଉଠିଛି । ଏହି ରାସ୍ତା ଖାଲ ଖମାରେ ଭରି ଯାଇଛି। ପଥଚାରୀମାନେ ଏହି ଖାଲ ଖମାରେ ପଡି ମୃତାହତ ହେଉଛନ୍ତି। ସରକାରଙ୍କର ଦୃଷ୍ଟି ପଡୁ ନାହିଁ। ତୁରନ୍ତ ଏହି ରାସ୍ତାକୁ ମରାମତି କରିବାକୁ ସାଧାରଣରେ ଦାବି ହେଉଛି।

## ■ ସହରର ବିକାଶ ପାଇଁ ବ୍ଲୁ ପ୍ରିଣ୍ଟ ବାଟବଣା

# ଦଶହରା ଗଲା ମରାମତି ହେଲାନି ରାସ୍ତା

**ଚଳନ୍ତା ଗାଡିରୁ ଆଦାୟ ଚାଲିଛି ପାର୍କିଂ ଫି**

ଖୋର୍ଦ୍ଧା ଅଫିସ,୧୭।୧୦

ଖୋର୍ଦ୍ଧା ସହରର ବିକାଶ ପାଇଁ ଜିଲାପାଳଙ୍କ ବ୍ଲୁପ୍ରିଣ୍ଟ ବାଟବଣା ହୋଇଯାଇଛି। ଦଶହରା ଶେଷ ହୋଇଥିଲେ ହେଁ ରାସ୍ତାଘାଟ ମରାମତି ହୋଇପାରିଲାନି। ଚଳନ୍ତା ଗାଡିରୁ ପାର୍କିଂ ଫି ଆଦାୟ ସତ୍ତ୍ୱେ ପଦକ୍ଷେପ ନାହିଁ। ହାତଗଣତି ଗୋଟିଏ ବା ଦୁଇଟି ନିର୍ଦ୍ଦେଶ କାର୍ଯ୍ୟକାରୀକୁ ଛାଡିଦେଲେ ଅନ୍ୟଗୁଡିକ ଫାଇଲ ତଳେ ଚାପି ହୋଇଗଲା। ନରାଜ ପାଣି ଯୋଗାଇବା ଉଦ୍ଦେଶ୍ୟରେ ପିଏଚ୍‌ଡି ପକ୍ଷରୁ ଖୋଳା ଯାଇଥିବା ରାସ୍ତାର ମରାମତି କାର୍ଯ୍ୟ ଦଶହରା ପୂର୍ବରୁ ଶେଷ ହେବାକୁ ନିଷ୍ପତ୍ତି ହୋଇଥିଲା। ତେବେ ଏ ଦିଗରେ କାର୍ଯ୍ୟ ଆରମ୍ଭ ହେଲାନାହିଁ। ସହରରେ ଗୋରୁ, କୁକୁର ଆଦି ଗୃହପାଳିତ ପଶୁ ଟ୍ରାଫିକ ସେବାକୁ ବିପର୍ଯ୍ୟସ୍ତ କରୁଛନ୍ତି। ଗୋଶାଳା, କାଞ୍ଜିଆହୁଦା ନ ଥିବାରୁ ଗୋରୁଙ୍କୁ ହଟାଇବାକୁ ପୌର ପରିଷଦ ସଚେତନତା ମାଧ୍ୟମରେ ପଦକ୍ଷେପ ନେବ। ହେଲେ ସଚେତନତା ଆଦୌ ନାହିଁ। ସହରବାସୀଙ୍କ ସୁବିଧା ଉଦ୍ଦେଶ୍ୟରେ ଗାନ୍ଧୀ ପଡିଆରେ ସାପ୍ତାହିକ ହାଟ କରାଯିବ। ପରିବା ଦୋକାନୀ, ମାଛ ଦୋକାନୀ ଯେପରି ଗୋଟିଏ ସ୍ଥାନରେ ପରିବା ଓ ମାଛ ବିକିବେ ସେନେଇ ସ୍ଥାନ ନିରୂପଣ କରାଯିବ। ପୂର୍ତ୍ତ ଓ ତହସିଲ ପକ୍ଷରୁ ଏହାର ସର୍ଭେ କରାଯିବ। ହେଲେ ଏହି ନିର୍ଦ୍ଦେଶ ଶୀତଳଭଣ୍ଡାରରେ ପଡି ରହିଛି। ଚଳନ୍ତା ଗାଡିରୁ ପାର୍କିଂ ଫି ଆଦାୟ ହେବନି। ନିର୍ଦ୍ଦେଶ ପରେ ପାର୍କିଂ ଫି ଚଳନ୍ତା ଗାଡିରୁ ଜିଲାପାଳଙ୍କ ଅଫିସ ସମ୍ମୁଖ, ଚଣ୍ଡିରୁଆ ପରି ସହରର ବିଭିନ୍ନ ସ୍ଥାନରୁ ଆଦାୟ ଚାଲିଛି। ଅନ୍ୟପକ୍ଷେ ଜିଲା ମୁଖ୍ୟ ଚିକିତ୍ସାଳୟର ସ୍ୱଚ୍ଛତା, ଚିକିତ୍ସା ଓ ସୁରକ୍ଷା ଉପରେ ଆଲୋଚନା ହୋଇଥିଲା। ଜିଲା ମୁଖ୍ୟ ଚିକିତ୍ସାଳୟରେ ବାଦ୍ ପଡିଥିବା ଅଂଶରେ ପ୍ରାଚୀର କରିବା, ମୃତଦେହ ବ୍ୟବଚ୍ଛେଦ ଘର ତୁରନ୍ତ ସ୍ଥାନାନ୍ତର ହେବା ଅନୁରୂପ ନିଷ୍ପତ୍ତି ଥିଲା। ପ୍ରାଚୀର ତ କରାଗଲା ନାହିଁ। ହେଲେ ମୃତଦେହ ବ୍ୟବଚ୍ଛେଦ ଗୃହ ଜିଲାପାଳଙ୍କ ହସ୍ତକ୍ଷେପ ପରେ ସ୍ଥାନାନ୍ତର ପ୍ରକ୍ରିୟା ଆରମ୍ଭ ହୋଇଛି। ବରିଷ୍ଠ ନାଗରିକ ଓ ଭିନ୍ନକ୍ଷମଙ୍କ ଚିକିତ୍ସା ଉଦ୍ଦେଶ୍ୟରେ ସ୍ୱତନ୍ତ୍ର ସେବା ଯୋଗାଇବା ଦିଗରେ କିଛି ପଦକ୍ଷେପ ନିଆଯାଇନାହିଁ। ଦଲାଲଙ୍କ ରାଜୁତି ଚାଲିଛି। ହେଲମେଟ୍, ସିଟ ବେଲ୍ଟ ଧରପଗଡ ସହ ନାବାଳକ ଗାଡି ଚାଳନାକୁ ବନ୍ଦ ପାଇଁ ପଦକ୍ଷେପ ନାହିଁ। ହାବଳୀ ପଡିଆଠାରେ ମାର୍କେଟ କମ୍ପ୍ଲେକ୍ସ କାର୍ଯ୍ୟ ତ୍ୱରାନ୍ୱିତ ହେବ। ନୂଆ ବସ୍‌ଷ୍ଟାଣ୍ଡର ଆଧୁନିକୀକରଣ କାର୍ଯ୍ୟ ବିଡିଏ ଶୀଘ୍ର ଆରମ୍ଭ କରିବ। ଏହା ମଧ୍ୟ ବାଟବଣା। ପ୍ରକାଶଥାଉ କି ଜିଲା ସଦର ମହକୁମା ହୋଇ ଖୋର୍ଦ୍ଧା ସହର ନାନା ସମସ୍ୟାରେ ଛନ୍ଦି ହୋଇପଡିଛି। ସହରବାସୀ ଶିକ୍ଷା, ସ୍ୱାସ୍ଥ୍ୟ, ପରିମଳ ପରି ବିଭିନ୍ନ ମୌଳିକ ସୁବିଧା ପାଇବାରୁ ବଞ୍ଚିତ ହୋଇ ଆସୁଛନ୍ତି। ମୌଳିକ ସମସ୍ୟା ସମାଧାନ ପାଇଁ ଜୁଲାଇ ୧ରେ ଖୋର୍ଦ୍ଧା ବିକାଶ ପରିଷଦ ପକ୍ଷରୁ ଅନେକ ପ୍ରସଙ୍ଗ ଉପରେ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଏପରିପ୍ରେକ୍ଷୀରେ ଜୁଲାଇ ୧୧ରେ ଜିଲାପାଳ ସିତାଂଶୁ କୁମାର ରାଉତ ମୌଳିକ ସମସ୍ୟାର ସମାଧାନ କରିବା ଦିଗରେ ସମୀକ୍ଷା ବୈଠକ ଆୟୋଜିତ କରିଥିଲେ। ତେବେ ବୈଠକର ନିଷ୍ପତ୍ତି କାର୍ଯ୍ୟକାରୀ ହୋଇ ନ ଥିବାରୁ ସେପ୍ଟେମ୍ବର ୭ରେ ବିକାଶ ପରିଷଦ ସଭ୍ୟମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ତେବେ ସେପ୍ଟେମ୍ବରର ନିଷ୍ପତ୍ତି ମଧ୍ୟ ଶୀତଳଭଣ୍ଡାରରେ ପଡି ରହିଛି। ଦେଖାଯାଉ ଜିଲାପାଳଙ୍କ ନିର୍ଦ୍ଦେଶ କେବେ କାର୍ଯ୍ୟକାରୀ ହେଉଛି।



ଜିଲାପାଳ ସ୍କୁଲରେ ଯାଞ୍ଚ କରୁଛନ୍ତି।

## ଜିଲାପାଳଙ୍କ ସ୍କୁଲ, ଅଙ୍ଗନୱାଡି କେନ୍ଦ୍ର ପରିଦର୍ଶନ

# ଖାଦ୍ୟର ମାନ ଯାଞ୍ଚ କଲେ

ପାତ୍ରପଡା, ୧୭। ୧୦ (ଡି.ଏନ.ଏ.)

ଖୋର୍ଦ୍ଧା ଜିଲାପାଳ ସୀତାଂଶୁ କୁମାର ରାଉତ ଗୁରୁବାର ଭୁବନେଶ୍ୱର ବ୍ଲକ ତମାଣ୍ଡୋ ପଞ୍ଚାୟତର ସରକାରୀ ପ୍ରାଇମେରୀ ସ୍କୁଲ ଓ ଅଙ୍ଗନୱାଡି କେନ୍ଦ୍ର ପରିଦର୍ଶନ କରିଥିଲେ। ଅଙ୍ଗନୱାଡି କେନ୍ଦ୍ରରେ ପିଲା ସଂଖ୍ୟା କେତେ ଉପସ୍ଥିତ ଅଛନ୍ତି, ପିଲାମାନଙ୍କୁ କିଭଳି ଖାଦ୍ୟ ଦିଆଯାଉଛି, ସେ ବିଷୟରେ ଅଙ୍ଗନୱାଡି କେନ୍ଦ୍ରର କର୍ମୀ ଓ ସହାୟିକାଙ୍କୁ ପଚାରି ବୁଝିଥିଲେ। ତମାଣ୍ଡୋ ନୂଆସାହି ମଡେଲ ଅଙ୍ଗନୱାଡି କେନ୍ଦ୍ରରୁ ଏଭଳି ତନଖି କରିବା ପରେ ଜିଲାପାଳ ନିକଟସ୍ଥ ପ୍ରାଇମେରୀ ବିଦ୍ୟାଳୟକୁ ଯାଇଥିଲେ। ସେଠାରେ ପିଲାମାନଙ୍କ ପାଇଁ ଦିଆଯାଉଥିବା ଖାଦ୍ୟର ମାନ ଯାଞ୍ଚ କରିବା ସହ ବିଦ୍ୟାଳୟର ପିଲା ସଂଖ୍ୟା, ଉପସ୍ଥାନ ଖାତାରେ ଦର୍ଶାଯାଇଥିବା ଛାତ୍ରୀଛାତ୍ରଙ୍କ ସଂଖ୍ୟା ଓ କେତେ ସଂଖ୍ୟକ ଖାଦ୍ୟ ପରିବେଷଣ ପାଇଁ ବ୍ୟବସ୍ଥା ହୋଇଛି, ସେ ସବୁ ବିଷୟରେ ଯାଞ୍ଚ କରିଥିଲେ। ଏଥିସହ ବିଦ୍ୟାଳୟର ଶିକ୍ଷାଦାନ ବ୍ୟବସ୍ଥା, ଶିକ୍ଷକଙ୍କ ଉପସ୍ଥିତି, ବିଦ୍ୟାଳୟ ପରିବେଶରେ ପାନୀୟ ଜଳ ଓ ପରିମଳ ବ୍ୟବସ୍ଥା ସମ୍ପର୍କରେ ଜିଲାପାଳ ରାଉତ ପଚାରି ବୁଝିଥିଲେ।

# ବିପଦସଙ୍କୁଳ ଅବସ୍ଥାରେ ବହୁ ବିଦ୍ୟୁତ୍ ତାର, ଖୁଣ୍ଟି

ଯାଁଳା,୧୭।୧୦(ଡି.ଏନ.ଏ.):

ବାତ୍ୟା ଫନୀରେ କ୍ଷତିଗ୍ରସ୍ତ ବିଦ୍ୟୁତ୍ ଖୁଣ୍ଟ ଓ ତାର ଏବେ ବି ଜଟଣୀ ବ୍ଲକ ଯାଁଳା ପଞ୍ଚାୟତର ଅନେକ ସ୍ଥାନରେ ବିପଦସଙ୍କୁଳ ଭାବେ ରହିଛି। ଏପରି କି କେତେକ ସ୍କୁଲ ପରିସରରେ ଏପରି ଅବସ୍ଥା ଦେଖିବାକୁ ମିଳୁଛି। ଏହାଦ୍ୱାରା ଛାତ୍ରୀଛାତ୍ର ବିପଦସଙ୍କୁଳ ଭାବେ ଚଳପ୍ରଚଳ କରୁଛନ୍ତି। ଏହି ପଞ୍ଚାୟତ ଅନ୍ତର୍ଗତ ରାଧାଚରଣପୁର ଅଞ୍ଚଳରେ ଏପରି ଅଧିକ ଦେଖିବାକୁ ମିଳୁଛି। ସ୍ଥାନୀୟ ଗ୍ରାମବାସୀଙ୍କ ଅଭିଯୋଗ ପରେ ମଧ୍ୟ ବିଭାଗୀୟ କର୍ତ୍ତୃପକ୍ଷ ଏହାର ପ୍ରତିକାର ଉପରେ ଧ୍ୟାନ ଦେଉ ନ ଥିବା ଅଭିଯୋଗ ହେଉଛି। ଏହି ଅଞ୍ଚଳରେ ଥିବା ଏକ ପ୍ରାଥମିକ ବିଦ୍ୟାଳୟ ପରିସରରେ ବିପଦସଙ୍କୁଳ ଅବସ୍ଥାରେ ଟ୍ରାନ୍ସଫର୍ମର



ବିଦ୍ୟୁତ୍ ତାର ଖୁଣ୍ଟରେ ଝୁଲିକି ରହିଛି।

ରହିଛି। ସେଥିରୁ ଯାଇଥିବା ଏଲ୍‌ଟି ଲାଇନ୍‌ର କେବୁଲ ସ୍କୁଲ ପଛପଟ କାନ୍ଥକୁ ଲାଗି ଓହଳିକି ଯାଇଛି। ଏହା ଆହୁରି ବିପଦ ସୃଷ୍ଟି କରୁଛି। କେତେକ ସ୍ଥାନରେ ଖୁଣ୍ଟଗୁଡ଼ିକ ବିଦ୍ୟୁତ୍ ତାର ସହାୟତାରେ ବଙ୍କେଇ ହୋଇରହିଛି। ଏଣୁ ଏଥିପ୍ରତି ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

### ୪୮ ଗ୍ରାମ୍ ବ୍ରାଉନସୁଗାର ଜବତ, ୪ ଗିରଫ

ଜଟଣୀ,୧୭।୧୦(ଡି.ଏନ.ଏ.)

ଜଟଣୀ ଥାନା ଅନ୍ତର୍ଗତ ଖଣ୍ଡୁଆଳି ମନ୍ଦିର ନିକଟରୁ ପୋଲିସ ୪୮ ଗ୍ରାମ ବ୍ରାଉନ୍‌ସୁଗାର ଜବତ କରିବା ସହ ୪ ଜଣଙ୍କୁ ଗିରଫ କରିଛି। ଗିରଫ ୪ ଜଣ ହେଲେ ଜଟଣୀର ରଞ୍ଜନ କୁମାର ବାରିକ, ପ୍ରଫୁଲ୍ଲ କୁମାର ମହାପାତ୍ର, ଭୁବନେଶ୍ୱରର ସୌମ୍ୟରଞ୍ଜନ ଖଟୁଆ ଓ ଖୋର୍ଦ୍ଧାର ଆଶିଷ କୁମାର ରାଉତରାୟ। ବିଶେଷସୂତ୍ରରୁ ଖବରପାଇ ଗୁରୁବାର ଅପରାହ୍ନରେ କୁଇକ୍ ଆକ୍ସନ ଟିମ୍ (କ୍ୟୁଏଟି) ଓ ଜଟଣୀ ପୋଲିସ ମିଳିତ ଭାବେ ଚଢ଼ାଉ କରିଥିଲେ। ଗିରଫ ୪ ଜଣଙ୍କ ନିକଟରୁ ବ୍ରାଉନ୍‌ସୁଗାର ସହ ୨ଟି ବାଇକ୍ ଓ ଦୁଇଟି ମୋବାଇଲ୍ ଫୋନ୍ ପୋଲିସ ଜବତ କରିଛି। ଏ ନେଇ ନଂ.୪୧୪/୧୯ରେ ମାମଲା ରୁଜୁ ହୋଇଛି।

# ଏନଏସ୍‌ଏସ୍ ସେବା ଶିବିର ଉଦ୍‌ଯାପିତ




ଏନଏସ୍‌ଏସ୍ ପକ୍ଷରୁ ସଚେତନତା ଶୋଭାଯାତ୍ରା।

ନିରାକାରପୁର,୧୭।୧୦(ଡି.ଏନ.ଏ.):

ଲେଣ୍ଡୋ ପଞ୍ଚାୟତସ୍ଥିତ ଆରେଡି ସାନଗୋବିନ୍ଦପୁରଠାରେ ଥିବା ସୈରୀ ଚରଣ ସଂସ୍କୃତ ମହାବିଦ୍ୟାଳୟର ଏନଏସ୍‌ଏସ୍ ପକ୍ଷରୁ ନିକଟସ୍ଥ ମୈତ୍ରିତ୍ରିଲୋଚନପୁର ପ୍ରାଥମିକ ବିଦ୍ୟାଳୟଠାରେ ସପ୍ତାହ ବ୍ୟାପି ଚାଲିଥିବା ଶିବିର ବୁଧବାର ଶେଷ ହୋଇଛି। ଏଥିରେ ଅନୁଷ୍ଠାନର ଅଧ୍ୟକ୍ଷ ପ୍ରମୋଦ କୁମାର ଜେନାଙ୍କ ପୌରୋହିତ୍ୟ କରିଥିବାବେଳେ ଶ୍ରୀଜଗନ୍ନାଥ ସଂସ୍କୃତ ମହାବିଦ୍ୟାଳୟର ଏନଏସ୍‌ଏସ୍ ସଂଯୋଜକ ପ୍ରଫେସର ବସନ୍ତ କୁମାର ମିଶ୍ର, ଶିକ୍ଷାବିତ୍ ଗଙ୍ଗାଧର ପାଟଶାଣୀ, ଅଧ୍ୟାପିକା ଦେବସ୍ମିତା ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଉପଲକ୍ଷେ ଶିବିରର ଛାତ୍ରୀଛାତ୍ରମାନେ ବାତ୍ୟାରେ ଭାଙ୍ଗି ରୁଜି ପଡିଥିବା ସ୍ଥାନୀୟ ଗାଁ ରାସ୍ତା, ମନ୍ଦିର ପରିସର ସଫା ସୁତରା କରିଥିଲେ। ନିଜେ ସୁସ୍ଥ ରହିଲେ ସମାଜ ସୁସ୍ଥ ରହିବ, ସମାଜ ସୁସ୍ଥ ରହିଲେ ରାଷ୍ଟ୍ର ସୁସ୍ଥ ରହିବ ସଚେତତା ନେଇ ଗାଁ ପରିଭ୍ରମଣ କରିଥିଲେ। ଏହି ଉପଲକ୍ଷେ ଛାତ୍ରୀଛାତ୍ରମାନଙ୍କୁ ନେଇ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶେଷରେ ଅଧ୍ୟାପିକା ସୁଚିତ୍ରା ସାହୁ ଧନ୍ୟବାଦ ଦେଇଥିଲେ।

## ■ ଭାଜପାର ବୁଥ୍‌ସ୍ତରୀୟ କର୍ମକର୍ତ୍ତା ବୈଠକ

# ଦୁର୍ନୀତିର ଚେର ଉପାଡ଼ିବାକୁ ଆମେ ସଂକଳ୍ପବଦ୍ଧ

ବେଗୁନିଆ,୧୭।୧୦(ଡି.ଏନ.ଏ.):

ସରକାର ଗଠନରେ ମୁଖ୍ୟ କର୍ଣ୍ଣଧାର ହେଉଛନ୍ତି ପ୍ରକୃତ ଗରିବ ଶ୍ରେଣୀର ଲୋକ। ଗ୍ରାମାଞ୍ଚଳରେ ବସବାସ କରୁଥିବା ଗରିବ ଶ୍ରେଣୀର ଲୋକେ ଆଜି ସରକାରୀ ସ୍ତରରେ ଉପେକ୍ଷିତ। ସେମାନଙ୍କର ସୁବିଧା ପାଇଁ ବହୁ ସରକାରୀ ଯୋଜନା କାର୍ଯ୍ୟକାରୀ ହୋଇଛି। ହେଲେ ବେଗୁନିଆ ନିର୍ବାଚନମଣ୍ଡଳୀରେ ତାହା ବାସ୍ତବତାଠାରୁ ବହୁ ଦୂରରେ। ଏହି ନିର୍ବାଚନମଣ୍ଡଳୀରେ ଦେଖାଦେଇଥିବା ଦୁର୍ନୀତିର ପାହାଡକୁ ଛୁଇଁଛି। ହେଲେ ଜାଣିବାକୁ ମୁଁ ପାଇଛି ଯେ, ଗରିବ ଲୋକଙ୍କ ହାତରୁ ପ୍ରଧାନମନ୍ତ୍ରୀ ଆବାସ, ରାଶନ କାର୍ଡ ଛଡାଇ ନେଇ ଶାସକ ଦଳର ଚାକିରିଆଙ୍କ ହାତରେ ଦିଆଯାଇଛି। ଏଥିସହ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ନିର୍ମାଣ ହୋଇଥିବା ରାସ୍ତା ଅତ୍ୟନ୍ତ ନିମ୍ନମାନର। ଏଥିରେ ସମ୍ପୃକ୍ତ ଯନ୍ତ୍ରୀ ଓ ଠିକାଦାରଙ୍କୁ




ମଞ୍ଚାସୀନ ଅତିଥିଙ୍କ ସହ ଏମ୍‌ପି ଅପରାଜିତା ଷଡଙ୍ଗୀ।

କୋଟିପତି କରାଯାଇଥିବାର ସ୍ପଷ୍ଟ ନଜିର ରହିଛି ବୋଲି ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡଙ୍ଗୀ କହିଛନ୍ତି। ବୁଧବାର ସନ୍ଧ୍ୟାରେ ବେଗୁନିଆ ବ୍ଲକ ଗଡମାଣତୀରସ୍ଥିତ ମା’ ରାମଚଣ୍ଡୀଙ୍କ ପୀଠରେ ଅନୁଷ୍ଠିତ ବୁଥ୍‌ସ୍ତରୀୟ କାର୍ଯ୍ୟକର୍ତ୍ତା ବୈଠକରେ ଦୁର୍ନୀତିର ଚେର ଉପାଡିବା ପାଇଁ ଆମେ ସଂକଳ୍ପବଦ୍ଧ ବୋଲି ମତ ପ୍ରକାଶ ପାଇଥିଲା। ଏଥିରେ ୨୪ ନଂ. ଜୋନ୍‌ର ୮ ପଞ୍ଚାୟତ ଅଞ୍ଚଳର ୪୧ଟି ବୁଥ୍‌ର ସମସ୍ତ ଭାଜପା କର୍ମକର୍ତ୍ତା ଯୋଗଦେଇଥିଲେ। ଆଗାମୀ ନିର୍ବାଚନ ପାଇଁ କ୍ଷେତ୍ର ମଜଭୁତ କରିବାକୁ ସମସ୍ତେ ଉଦ୍ୟମ ଜାରି ରଖନ୍ତୁ ବୋଲି ଏମ୍‌ପି ଷଡଙ୍ଗୀ ନିବେଦନ କରିଥିଲେ। ରିଷଭ ନନ୍ଦ, ଲୋତକବିନ୍ଦୁ ପଟ୍ଟନାୟକ, ଯୋଗେଶ୍ୱର ସୁନ୍ଦରାୟ, ସୁଦର୍ଶନ ମଲିକ, ଗୋଦବରୀଶ ପାଇକରାୟ, ଶିଶିର ମଙ୍ଗରାଜ, ଭଗବାନ ପଣ୍ଡାଙ୍କ ସମେତ ୪ ଶହରୁ ଊର୍ଦ୍ଧ୍ୱ କର୍ମୀ ଯୋଗ ଦେଇଥିଲେ।

### ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

ଖୋର୍ଦ୍ଧା ଅଫିସ,୧୭।୧୦

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୭୪ ତମ ଜନ୍ମ ଦିବସ ଅବସରରେ ଖୋର୍ଦ୍ଧା ପି.ଏନ. କଲେଜରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୦୧ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଏହାକୁ ଖୋର୍ଦ୍ଧା ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର ଓ ଏସ୍‌ପି ଅଜୟ ପ୍ରସାଦ ସ୍ୱାଇଁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିଡିଏମ୍‌ଓ ବିଜୟ କୁମାର ମହାପାତ୍ର, ଜିଲା ପରିଷଦ ଚେୟାରମ୍ୟାନ ପ୍ରଫୁଲ୍ଲ ଦଳାଇ, ପୂର୍ବତନ କାଉନସିଲର ବିଭୁ ସାହୁ, ତୁଷାରକାନ୍ତ ଦତ୍ତ, ସାମାଜିକ କର୍ମୀ ଏମ୍.ଡି. ଆରିଫ ଓ ଦିଲୀପ କୁମାର ହୋତା ଉପସ୍ଥିତ ଥିଲେ।

# କୁମାର ଉତ୍ସବ ପାଳିତ

ଖୋର୍ଦ୍ଧା ଅଫିସ,୧୭।୧୦:

ଖୋର୍ଦ୍ଧା ବ୍ଲକ ନାଳିପଡା ଅର୍ଜୁନପୁରର ମୂର୍ଚ୍ଛନା ଅନୁଷ୍ଠାନ ପକ୍ଷରୁ ସୋମବାର ଓ ମଙ୍ଗଳବାର ଦୁଇଦିନ ଧରି କୁମାର ଉତ୍ସବ ପର୍ବ ପାଳନ କରାଯାଇଛି। ପ୍ରଥମ ସନ୍ଧ୍ୟାରେ ଯୋଗୀ ଡ୍ୟାନ୍ସ ଗ୍ରୁପ ଭୁବନେଶ୍ୱର, ନନ୍ଦ ସଙ୍ଗୀତ କଳାକେନ୍ଦ୍ର ପକ୍ଷରୁ କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏଥିରେ ସାମାଜିକ କର୍ମୀ ଇତିଶ୍ରୀ ସାହୁ, ମନୋରଞ୍ଜନ ବଡଜେନା, ହୃଷୀକେଶ ନନ୍ଦ, ବ୍ୟଙ୍ଗକବି ସତ୍ୟ ପ୍ରମୁଖ ଅତିଥି ରୂପେ ଯୋଗ ଦେଇଥିଲେ। ଅନ୍ତିମ ଦିବସରେ ମୂର୍ଚ୍ଛନା ପକ୍ଷରୁ ଗୋଟିପୁଅ ନୃତ୍ୟ, ପାଇକ ଆଖଡା, ସମ୍ବଲପୁରୀ, ସ୍ୱଳ୍ପ ସମୟ ବିଶିଷ୍ଟ ନାଟକ ଦର୍ଶକଙ୍କୁ ଆକୃଷ୍ଟ କରିଥିଲା। ଅନ୍ତିମ ଦିବସରେ



ଗୋଟିପୁଅ ନୃତ୍ୟ ପରିବେଷଣ କରାଯାଉଛି।

ମୁଖ୍ୟଅତିଥି ରୂପେ ମନ୍ମଥ ରାଉତରାୟ ଓ ମୁଖ୍ୟବକ୍ତା ରୂପେ ଆଇଆରବିର ଡେପୁଟି କମାଣ୍ଡାଣ୍ଟ ଶୈଳେନ୍ଦ୍ର କୁମାର ମୁଖୀ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଆଇନଜୀବୀ ରାଜ କିଶୋର ଦାସ, ନୁପୂର ଅନୁଷ୍ଠାନର ଗୁରୁ ନିରଞ୍ଜନ ରାଉତ ପ୍ରମୁଖ ଅତିଥି ରୂପେ ଯୋଗ ଦେଇଥିଲେ। ହେମନ୍ତ କୁମାର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

କୃଷ୍ଣପ୍ରସାଦ, ୧୭।୧୦ (ଡି.ଏନ.ଏ.)



ଜଣେ ଦିବ୍ୟାଙ୍ଗଙ୍କୁ ହ୍ୱିଲ ଚେୟାର ପ୍ରଦାନ କରାଯାଉଛି।

କୃଷ୍ଣପ୍ରସାଦ ବ୍ଲକର ନାରାୟଣ ବିଦ୍ୟାପୀଠ ଚିଲିକା ନୂଆପଡା ପରିସରରେ ବୁଧବାର ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ବିଡିଓ ଅଭିମନ୍ୟୁ ମାଝି ଜଣେ ଦିବ୍ୟାଙ୍ଗଙ୍କ ହାତରେ ରିବନ୍ କାଟି ଉଦ୍‌ଘାଟନ କରିଥିଲେ। ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପୁରୀଙ୍କ ପକ୍ଷରୁ ଏହି ଶିବିର ଆୟୋଜନ କରାଯାଇଥିଲା। କର୍ଣ୍ଣ, ନାସା, ଅସ୍ଥିଶଲ୍ୟ, ମାନସିକ, ଚକ୍ଷୁରୋଗ ବିଶେଷଜ୍ଞମାନଙ୍କ ଦ୍ୱାରା ବ୍ଲକର ୧୪ ପଞ୍ଚାୟତରୁ ଯୁବତୀଯୁବକ, ମହିଳାପୁରୁଷମାନେ ଉପସ୍ଥିତ ରହି ଡାକ୍ତରୀ ପରୀକ୍ଷା କରି ପ୍ରମାଣପତ୍ର ନିମନ୍ତେ ସମସ୍ତ ପ୍ରସ୍ତୁତି କରାଇଥିଲେ। ବ୍ଲକ ସହକାରୀ ଯନ୍ତ୍ରୀ ଇଂ. ପ୍ରସନ୍ନ କୁମାର ସ୍ୱାଇଁ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସନ୍ଜୟ ଭୂଷଣ ପରିଡା, ଶ୍ରୀମନ୍ତ ପ୍ରଧାନ ପ୍ରମୁଖ ଶିବିର ପରିଚାଳନା କରୁଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ତ୍ରିନାଥ ପାଢୀ, ସିଡିପିଓ ମନୋରମା ଦେବୀ, ଶିକ୍ଷା ଅଧିକାରୀ ରବୀନ୍ଦ୍ର କୁମାର ଜେନା ପ୍ରମୁଖ ସହଯୋଗ କରିଥିଲେ। ବ୍ଲକ ବିଜୁ ଯୁବ ବାହିନୀ ଏବଂ ନାରାୟଣ ବିଦ୍ୟାପୀଠ ଜାତୀୟ ସେବା ସଂସ୍ଥାର ଛାତ୍ରମାନେ ଏଥିରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

## ■ ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମିତ ରାସ୍ତାକୁ ମାସେ ପୂରିଲାନି

# ଉଠିଲା ଚିପ୍‌ସ, ସୃଷ୍ଟି ହେଲା ଗର୍ତ୍ତ

ଜଟଣୀ,୧୭।୧୦(ଡି.ଏନ.ଏ.)

ଜଟଣୀ ପୌରାଞ୍ଚଳର ପ୍ରମୁଖ ୯ଟି ରାସ୍ତାର ନବୀକରଣ କାର୍ଯ୍ୟ ପାଇଁ ପୂର୍ତ୍ତ ବିଭାଗ ପକ୍ଷରୁ ଟେଣ୍ଡର ଆହ୍ୱାନ କରାଯାଇ ୪ ମାସ ତଳେ କାମ କରାଯାଇଥିଲା। ୯ଟି ରାସ୍ତା ପାଇଁ ୯ କୋଟି ଟଙ୍କା ବ୍ୟୟ ଅଟକଳ ହୋଇଥିଲା। ଏଥିରେ ୪ଟି କଂକ୍ରିଟ ଓ ୫ଟି ପିଚୁ ରାସ୍ତା ରହିଥିଲା। ୨ଟି ରାସ୍ତାକୁ ଛାଡ଼ି ଆଉ ୭ଟି ସମ୍ପୂର୍ଣ୍ଣ ହୋଇଛି। ହେଲେ ଏହି ରାସ୍ତା ନବୀକରଣରେ ଅତି ନିମ୍ନମାନର କାର୍ଯ୍ୟ ହୋଇଥିବା ଅଭିଯୋଗ ହୋଇଛି। ୪ ମାସ ପୂର୍ବେ ନିର୍ମିତ ରାସ୍ତାଗୁଡ଼ିକରୁ ଚିପ୍‌ସ ଉଠି ଖାଲ ସୃଷ୍ଟି ହେଲାଣି। ପିଚୁ ରାସ୍ତାର ଉଚ୍ଚତା କମା ଯାଇଥିବା ଅଭିଯୋଗ ହେଉଛି। ଗୋଟିଏ ରାସ୍ତାର ଉଦାହରଣ ହେଉଛି ସ୍ଥାନୀୟ ଥାନା ଛକରୁ ଭୟା ପିଏଚ୍‌ଡି ଅଫିସ ହୋଇ ସେସୁ କାର୍ଯ୍ୟାଳୟ ପର୍ଯ୍ୟନ୍ତ



ରାସ୍ତାରୁ କଂକ୍ରିଟ ଉଠି ଖାଲଖମା ସୃଷ୍ଟି ହୋଇଛି।

ହୋଇଥିବା କଂକ୍ରିଟ ରାସ୍ତାର ଅବସ୍ଥା ଦେଖିଲେ ଏଥିରୁ ସ୍ପଷ୍ଟ ଜଣାପଡ଼ିବ। ଏକ କିମି ୩୦ ମିଟର ଦୂରତ୍ୱ ଏହି ରାସ୍ତା ପାଇଁ ୫୫ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ନିର୍ମାଣ ହେବାର ମାତ୍ର ମାସେ ପରେ ଏହି ରାସ୍ତାରୁ ଚିପ୍‌ସ ଉଠି ବଡ଼ ଗର୍ତ୍ତମାନ ସୃଷ୍ଟି ହୋଇଛି। ଫଳରେ ଯାତାୟାତ କରିବାରେ ଲୋକଙ୍କ ପାଇଁ କଷ୍ଟକର ହୋଇପଡ଼ିଛି। ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମିତ ଏହି ରାସ୍ତାଟି ଦୀର୍ଘସ୍ଥାୟୀ ହେବା ଦୂର କଥା ମାସେ ପରେ ନଷ୍ଟ ହୋଇଯିବା ପଛରେ ଅତିନିମ୍ନମାନର କାର୍ଯ୍ୟ ହୋଇଥିବା ଏଥିରୁ ସ୍ପଷ୍ଟ ହୋଇଥିବା ସାଧାରଣରେ ଅଭିଯୋଗ ହୋଇଛି। ଏ ନେଇ ଖୋର୍ଦ୍ଧା ଆର୍‌ଆଣ୍ଡବି ଏସ୍‌ଡିଓ ପୂର୍ଣ୍ଣଚନ୍ଦ୍ର ପ୍ରଧାନ କୁହନ୍ତି, ଏହି ରାସ୍ତା କାର୍ଯ୍ୟ କରିଥିବା ଠିକାଦାରଙ୍କୁ ନୋଟିସ୍ କରାଯାଇଛି। ରାସ୍ତାକୁ ତୁରନ୍ତ ମରାମତି କରିବାକୁ ସମ୍ପୃକ୍ତ ଠିକାଦାରଙ୍କୁ କୁହାଯାଇଥିବା ସେ କହିଛନ୍ତି। ସେହିପରି ଅଢ଼େଇ କିମି ଦୂରତ୍ୱ ସ୍ଥାନୀୟ କୁଦିଆରୀ ମହତାବନଗର ରୋଡ ଓ ଡ୍ରେନ୍ ପାଇଁ ଏକ କୋଟି ୧୫ ଲକ୍ଷ ଟଙ୍କା ଏଷ୍ଟିମେଟ୍ ହୋଇଥିଲା। ହେଲେ ଡ୍ରେନ୍ ହେଲାନାହିଁ। କେବଳ ପିଚୁ ରାସ୍ତା କରାଗଲା। ଏହି ରାସ୍ତା ମୋଟେଇର ପରସ୍ତ ଯେତିକି ହବା କଥା ତାହା ହୋଇ ନ ଥିବା ସମ୍ପୃକ୍ତ ୱାର୍ଡର ପୂର୍ବତନ କାଉନ୍‌ସିଲର ଅନନ୍ତ ବେହେରା ଅଭିଯୋଗ କରିଛନ୍ତି।



ଗୋଟିଏ ମାତ୍ର ଜାତି ଅଛି, ତାହା ମାନବ ଜାତି ଗୋଟିଏ ମାତ୍ର ଧର୍ମ ଅଛି, ତାହା ପ୍ରେମ ଧର୍ମ। ଗୋଟିଏ ମାତ୍ର ଭାଷା ଅଛି, ତାହା ହୃଦୟର ଭାଷା। ଜଣେ ମାତ୍ର ଈଶ୍ୱର ଅଛନ୍ତି ସେ ସର୍ବବ୍ୟାପୀ। -ସତ୍ୟସାଇ ବାବା



## ସଂକ୍ଷେପରେ

### ଜେଲ ଗଲେ ପ୍ରତାରକ ପ୍ରେମିକ

ବ୍ରହ୍ମଗିରି, ୧୭।୧୦(ଡି.ଏନ୍.ଏ.):ବ୍ରହ୍ମଗିରି ଥାନା ଅନ୍ତର୍ଗତ ଦେକୁଦୀ ଗ୍ରାମର ଜଣେ ଯୁବକ ବିବାହ ପ୍ରଲୋଭନ ଦେଖାଇ ଜଣେ ଯୁବତୀଙ୍କ ସହ ଶାରିରୀକ ସମ୍ପର୍କ ରଖି ବିବାହ ନ କରିବାରୁ ତାଙ୍କୁ ଜେଲ ଯିବାକୁ ପଡ଼ିଛି। ଏନେଇ ସଂପୃକ୍ତ ଯୁବତୀ ବ୍ରହ୍ମଗିରି ଥାନାରେ ଅଭିଯୋଗ କରିବାରେ ପୋଲିସ ଉକ୍ତ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଉକ୍ତ ଥାନା ଅନ୍ତର୍ଗତ ଦେକୁଦୀ ଗ୍ରାମର ସରଜୁ ବେହେରା ବ୍ରହ୍ମଗିରି ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ପ୍ରେମ କରୁଥିଲେ। ଏଭଳିକି ବିବାହର ପ୍ରଲୋଭନ ଦେଖାଇଥିଲେ। କିନ୍ତୁ ବିବାହ ନ କରିବାରୁ ଯୁବତୀ ଜଣଙ୍କ ସରଜୁଙ୍କ ଘରକୁ ଯାଇଥିଲେ। ସରଜୁଙ୍କ ପରିବାର ଉକ୍ତ ଯୁବତୀଙ୍କୁ ଗ୍ରହଣ କରି ନ ଥିଲେ। ଏନେଇ ଥାନାରେ ୧୬୬/୧୯ରେ ଏକ ମାମଲା ରୁଜ କରି ସରଜୁଙ୍କୁ ଗିରଫ କରିଥିଲା।

### ଚୋରି ସାମଗ୍ରୀ ଜବତ, ଜଣେ ଗିରଫ

ନିମାପଡ଼ା,୧୭।୧୦(ଡି.ଏନ୍.ଏ.): ଦୋକାନରୁ ଚୋରି କରିଥିବା ଅଭିଯୋଗରେ ନିମାପଡ଼ା ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେ ହେଲେ ବାଲିପାଟଣା ଥାନା ଅନ୍ତର୍ଗତ ବିଶ୍ୱାଳପଡ଼ା ଗ୍ରାମର ସନ୍ତୋଷ ପଟ୍ଟନାୟକ। ସୂଚନା ଅନୁଯାୟୀ, ନିମାପଡ଼ା କଳାକାହ୍ନୁ କଲ୍ୟାଣ ମଣ୍ଡପ ନିକଟରେ ଥିବା ଏକ ୱେଲ୍ଡିଂ ଦୋକାନର ପଛପଟ କବାଟ ତାଲା ଭାଙ୍ଗି ଦୁର୍ବୃତ୍ତମାନେ ୩ କଟର ମେଶିନ, ୨ ହ୍ୟାଣ୍ଡେଲ ମେଶିନ ଓ ଗୋଟିଏ ଟୁଲ ବକ୍ସ ଚୋରିକରି ନେଇଥିଲେ। ଏ ନେଇ ଦୋକାନ ମାଲିକ ଦୁର୍ଯ୍ୟୋଧନ ନାୟକ ଗତ ୧୫ତାରିଖରେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏ ସମ୍ପର୍କରେ ଏକ ମାମଲା(ନଂ.୨୫୫/୧୯)ରୁଜୁ କରି ତଦନ୍ତ ଚଳାଇଥିଲା।

### ରାସ୍ତାକଡ଼ରୁ ବୃଦ୍ଧାଶ୍ରମକୁ ଗଲେ ହେମଲତା

ପୁରୀ ଅଫିସ, ୧୭।୧୦: ସ୍ୱାମୀଙ୍କ ମୃତ୍ୟୁ ପରେ ବେସାହାରା ହୋଇପଡ଼ିଥିଲେ ହେମଲତା। ପୁରୀ ବାଲିସାହିର ଏହି ବୃଦ୍ଧା ଭାଗ୍ୟକୁ ଆଦରି ରାସ୍ତାକଡ଼ରେ ଆଶ୍ରୟ ନେଇଥିଲେ। ଗୁରୁବାର ପୁରୀ ଜିଲା ଆଇନ ସେବା ପ୍ରାଧିକରଣ ସହଯୋଗରେ ତାଙ୍କୁ ଡେଲାଙ୍ଗ ବୃଦ୍ଧାଶ୍ରମରେ ଥଇଥାନ କରାଯାଇଥିବା ପ୍ରାଧିକରଣ ସଚିବ ଅମରେଶ ମହାପାତ୍ର କହିଛନ୍ତି। ହେମଲତାଙ୍କ ସଂସର୍ଶରେ ପାରା ଲିଗାଲ ଭଲ୍ୟୁଣ୍ଟିୟର ହାରାମଣି ଦେବୀ ଆସିଥିଲେ। ତାଙ୍କ ବିଷୟରେ ସବୁ ଜାଣିବା ପରେ ସୋମବାର ତାଙ୍କୁ ଆଇନସେବା ପ୍ରାଧିକରଣ କାର୍ଯ୍ୟାଳୟକୁ ଆଣି ସଚିବଙ୍କୁ ଘଟଣା ସମ୍ପର୍କରେ ଅବଗତ କରାଇଥିଲେ। ଏ ନେଇ ସଚିବ ମହାପାତ୍ର ଜିଲା ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ଚିଠି ଲେଖିଥିଲେ।

### ଏକ୍ସପ୍ରେସ ଟ୍ରେନରେ ଯାଞ୍ଚ କଡ଼ାକଡ଼ି

ପୁରୀ ଅଫିସ,୧୭।୧୦: ବିଭିନ୍ନ ଏକ୍ସପ୍ରେସ ଟ୍ରେନରେ ଯାଞ୍ଚ କଡ଼ାକଡ଼ି କରାଯାଇଛି। ଗୁରୁବାର ତପସ୍ୱିନୀ, ଉତ୍କଳ ଓ ପୁରୀ-ହାୱଡ଼ା ଏକ୍ସପ୍ରେସ ଟ୍ରେନରେ ଆର୍‌ପିଏଫ୍ ପୋଲିସ ଯାଞ୍ଚ କରିଛି। ଯାତ୍ରୀଙ୍କ ସୁରକ୍ଷିତ ଯାତ୍ରା, ଆପରାଧିକ କାର୍ଯ୍ୟକଳାପକୁ ରୋକିବା ଲାଗି ଏହି ଯାଞ୍ଚ କରାଯାଉଥିବା ଥାନାଧିକାରୀ ଅନିଲ କୁମାର ସିଂ କହିଛନ୍ତି। ଗୋଇନ୍ଦା ରିପୋର୍ଟ ଅନୁସାରେ ଭାରତରେ କେତେଜଣ ଆତଙ୍କବାଦୀ ପ୍ରବେଶ କରିଛନ୍ତି। ସେମାନଙ୍କ ଟାର୍ଗେଟରେ ପୁରୀ ଶ୍ରୀମନ୍ଦିର ରହିଛି। ଦୈନିକ ମହାପ୍ରଭୁଙ୍କ ଦର୍ଶନ ଲାଗି ଟ୍ରେନ ଯୋଗେ ଲକ୍ଷାଧିକ ଭକ୍ତ ଯାତାୟାତ କରୁଛନ୍ତି। ତେଣୁ ଟ୍ରେନ୍ ଓ ପୁରୀ ଷ୍ଟେଶନରେ ସୁରକ୍ଷା ବ୍ୟବସ୍ଥାକୁ ବଢାଇ ଦିଆଯାଇଛି।

### ହିତାଧିକାରୀଙ୍କ ୫.୮୮ଲକ୍ଷ ଟଙ୍କା ଆତ୍ମସାତ୍

ପୁରୀ ଅଫିସ, ୧୭।୧୦: ପୁରୀ ଜିଲା ଗୋପ ବ୍ଲକର ଛଇତନା ପଞ୍ଚାୟତରେ ବିଭିନ୍ନ ଯୋଜନାରେ ହିତାଧିକାରୀଙ୍କ ଅର୍ଥ ଆତ୍ମସାତ୍ କରାଯାଉଛି। ସ୍ୱଚ୍ଛ ଭାରତ ଯୋଜନାରେ ଏକ ଏନ୍‌ଜିଓ ୫ଲକ୍ଷ ୮୮ ହଜାର ଟଙ୍କା ଆତ୍ମସାତ୍ କରିଥିବା ବିଡିଓଙ୍କ ନିକଟରେ ଲିଖିତ ଅଭିଯୋଗ ହୋଇଛି। ଅଭିଯୋଗରେ ଦର୍ଶାଯାଇଛି, ସ୍ୱଚ୍ଛ ଭାରତ ଯୋଜନାରେ ବିପିଏଲ ଏବଂ ଏପିଏଲ ପରିବାରର ପାଇଖାନା ନିର୍ମାଣ ଲାଗି ଏକ ଏନ୍‌ଜିଓ ଠିକା ନେଇଥିଲା। ଗତ ଅକ୍ଟୋବର ୧ତାରିଖରେ ଏହି ସଂସ୍ଥାକୁ ବ୍ଲକ କର୍ତ୍ତୃପକ୍ଷ ପ୍ରତି ହିତାଧିକାରୀଙ୍କ ପିଛା ୧୨ହଜାର ଟଙ୍କା ହିସାବରେ ୪୯ଜଣଙ୍କ ନିମନ୍ତେ ମୋଟ ୫ଲକ୍ଷ ୮୮ହଜାର ଟଙ୍କା ଦେଇଥିଲେ। ଇତିମଧ୍ୟରେ ଦୁଇସପ୍ତାହ ବିତିଲାଣି, ମାତ୍ର ଏପର୍ଯ୍ୟନ୍ତ ହିତାଧିକାରୀଙ୍କୁ ସମ୍ପୃକ୍ତ ଏନ୍‌ଜିଓ ଏହି ଅର୍ଥ ପ୍ରଦାନ ନ କରି ଆତ୍ମସାତ୍ କରିଛି। ତେଣୁ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

# ବାତ୍ୟା ପ୍ରତିରୋଧକ ବାସଗୃହ ପାଇଁ ଏମ୍‌ଓୟୁ

■ଡିଆରି ହେବ ୧୫୦ ଘର, ୧୮ ମାସ ଭିତରେ ସରିବ

■୩୦୦ ବର୍ଗଫୁଟ ଜାଗାରେ ୪ ଲକ୍ଷ ଖର୍ଚ୍ଚ ହେବ

ପୁରୀ ଅଫିସ, ୧୭।୧୦:

ବାତ୍ୟା କ୍ଷତିଗ୍ରସ୍ତ ଲୋକଙ୍କୁ ବାତ୍ୟା ପ୍ରତିରୋଧକ ବାସଗୃହ ଯୋଗାଇଦେବା ଲାଗି ଗୁରୁବାର ପୁରୀ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଛି। ଜିଲା ପ୍ରଶାସନ, ଏଲ୍ ଆଣ୍ଡ ଟି ଟେକ୍ନୋଲୋଜି ସର୍ଭିସେସ୍ ଲିମିଟେଡ ଏବଂ ହାବିଟାଟ୍ ଫର ହ୍ୟୁମାନିଟି ଇଣ୍ଡିଆ ଟ୍ରଷ୍ଟ ମଧ୍ୟରେ ତ୍ରିପାକ୍ଷିକ ସ୍ୱାକ୍ଷର ହୋଇଛି। ବୁଝାମଣା ପତ୍ର ଅନୁଯାୟୀ, ପୁରୀ ସଦର ବ୍ଲକ ଅନ୍ତର୍ଗତ ବଡ଼ଭୋଇସାହି, ଉତ୍ତର ଭୋଇସାହି ଏବଂ ଧାଉଡ଼ି ଆଦିବାସୀ ବସ୍ତିର ବାତ୍ୟା କ୍ଷତିଗ୍ରସ୍ତ ଦାରିଦ୍ର୍ୟ ସୀମାରେଖା ତଳେ ରହୁଥିବା ପରିବାର ପାଇଁ ୧୫୦ଟି ବାତ୍ୟା ପ୍ରତିରୋଧକ ବାସଗୃହ ନିର୍ମାଣ କରାଯିବ। ଏଥିନିମନ୍ତେ ଏଲ୍ ଆଣ୍ଡ ଟି ପକ୍ଷରୁ ଆବଶ୍ୟକ ପାଣ୍ଠି ଯୋଗାଇ ଦିଆଯିବ। ଜିଲା ପ୍ରଶାସନ ଓ ହାବିଟାଟ୍ ପକ୍ଷରୁ ଆନୁଷଙ୍ଗିକ ସହାୟତା ପ୍ରଦାନ କରାଯାଇ ଏହି ବାସଗୃହ ନିର୍ମାଣ ହେବ। ସ୍ୱଳ୍ପ ଆୟ ଥିବା ପରିବାରର ବାସଗୃହ ନିର୍ମାଣ ଓ ସ୍ୱଚ୍ଛତା ଆଣିବା କ୍ଷେତ୍ରରେ କାମ କରିବାକୁ ଏହି ୩ ପକ୍ଷ ସମ୍ମତି ପ୍ରକାଶ କରିଛନ୍ତି। ଆସନ୍ତା ୨ବର୍ଷ ଧରି ମିଳିତ ଭାବେ ବାତ୍ୟା କ୍ଷତିଗ୍ରସ୍ତ ପୁରୀ ଜିଲାରେ କାର୍ଯ୍ୟ କରିବାକୁ ଏହି ବୁଝାମଣା ପତ୍ରରେ ଉଲ୍ଲେଖ ରହିଛି।



ବୁଝାମଣା ସ୍ୱାକ୍ଷର ଅବସରରେ ଜିଲାପାଳ ଏବଂ ଅନ୍ୟ ଅଧିକାରୀଙ୍କ ସହ ୪ ହିତାଧିକାରୀ।

ଏହି ବୁଝାମଣାପତ୍ର ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ବିଶାଲ ସିଂ, ଏଲ୍ ଆଣ୍ଡ ଟି କମ୍ପାନୀ ସାମାଜିକ ଉତ୍ତର ଦାୟିତ୍ୱ (ସିଏସ୍‌ଆର) ମୁଖ୍ୟ କେ.ଏନ୍. ପ୍ରଭାକରନ ଏବଂ ହାବିଟାଟ୍‌ର ପରିଚାଳନା ନିର୍ଦ୍ଦେଶକ ରାଜନ ସାମୁଏଲଙ୍କ ମଧ୍ୟରେ ସ୍ୱାକ୍ଷରିତ ହୋଇଛି। ଏହି ଅବସରରେ ଜିଲାପାଳ ବଲୱନ୍ତ ସିଂ, ଏଲ୍ ଆଣ୍ଡ ଟିର ପନିଶ ରାଓ, ସଦର ବିଡିଓ ଜ୍ୟୋତିଶଙ୍କର ସାହୁଙ୍କ ସମେତ ଘର ପାଇବାକୁ ଥିବା ୪ଜଣ ହିତାଧିକାରୀ ଉପସ୍ଥିତ ଥିଲେ। ପ୍ରକଳ୍ପ ସମ୍ପର୍କରେ ଜିଲାପାଳ ସିଂ କହିଛନ୍ତି, ପ୍ରତ୍ୟେକ ଘର ପ୍ରାୟ ୩୦୦ ବର୍ଗଫୁଟ ପରିମିତ ଜାଗାରେ ନିର୍ମାଣ କରାଯିବ। ଘର ପିଛା ୪ଲକ୍ଷ ଟଙ୍କା ଖର୍ଚ୍ଚ ହେବ। ଏଥିରେ ପାଇଖାନା, ଗାଧୁଆଘର ବି ରହିବ। ୧୮ ମାସ ମଧ୍ୟରେ ଏହି ପ୍ରକଳ୍ପ ଶେଷ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ସମ୍ପୃକ୍ତ ଗ୍ରାମରେ ରାସ୍ତା ନିର୍ମାଣ ଏବଂ ବିଦ୍ୟୁତ୍ ଯୋଗାଣ ପାଇଁ କାର୍ଯ୍ୟ କରିବାକୁ ମଧ୍ୟ ନିଷ୍ପତ୍ତି ନିଆଯାଇଛି ବୋଲି ଜିଲାପାଳ କହିଥିଲେ।

■ ହିତାଧିକାରୀଙ୍କ ୩. ୬ଲକ୍ଷ ଟଙ୍କା ଆତ୍ମସାତ୍ ଘଟଣା

## ଲୋକାଯୁକ୍ତରେ ଅଭିଯୋଗ, କାର୍ଯ୍ୟାନୁଷ୍ଠାନ ଦାବି

ପୁରୀ ଅଫିସ, ୧୭।୧୦:

ପୁରୀ ସଦର ବ୍ଲକ କହ୍ନେଇବିଦ୍ୟାଧରପୁର ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଆସୁଛି। ଏହି ପଞ୍ଚାୟତର ହିତାଧିକାରୀଙ୍କ ୩.୬ ଲକ୍ଷ ଟଙ୍କା ଆତ୍ମସାତ ନେଇ ଗତ ଅଗଷ୍ଟ ୧୩ ତାରିଖରେ ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା। ଏହାପରେ ଜିଲା ପ୍ରଶାସନ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଏହି ଘଟଣାରେ ସମ୍ପୃକ୍ତ ବ୍ୟକ୍ତିବିଶେଷ, ସରକାରୀ କର୍ମଚାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବିରେ ମାନବାଧିକାର କର୍ମୀ ବଟକୃଷ୍ଣ ପ୍ରଧାନ ଗୁରୁବାର ଲୋକାଯୁକ୍ତରେ ଅଭିଯୋଗ କରିଛନ୍ତି। ଅଭିଯୋଗରେ ଦର୍ଶାଯାଇଛି, କହ୍ନେଇ ବିଦ୍ୟାଧରପୁର ପଞ୍ଚାୟତର ଅଠରଭାଗ ଗ୍ରାମର ଦଇତାରୀ ବେହେରାଙ୍କ ନାମରେ ଆବାସ ଗୃହ ମଞ୍ଜୁର ହୋଇଥିଲା। ଅନ୍ୟପଟେ ତାଙ୍କ ଅଗୋଚରରେ ୨୦୧୭ ଡିସେମ୍ବର ୧୪ରେ ୧ଲକ୍ଷ ୨୦ ହଜର ଟଙ୍କା ମଞ୍ଜୁର ହୋଇଥିବା ଜାଣିବାକୁ ପାଇଥିଲେ। ସେହିପରି ମାହାଲି ବେୱାଙ୍କ ନାମରେ ମଧ୍ୟ ୧ଲକ୍ଷ ୨୦ହଜାର ଟଙ୍କା ବିଲ୍ ମଞ୍ଜୁର କରାଯାଇଛି। ଅନ୍ୟ ଜଣେ ବ୍ୟକ୍ତିଙ୍କଠାରୁ ଅନୁରୂପ ଭାବେ ଟଙ୍କା ମଞ୍ଜୁର ହୋଇଥିବା ନେଇ ବିଡିଓଙ୍କ ନିକଟରେ ଅଭିଯୋଗ ହେବା ପରେ ଘଟଣା ପଦାକୁ ଆସିଥିଲା। ଏ ସମ୍ପର୍କରେ ବିଡିଓ ଜ୍ୟୋତି ସାହି କହିଥିଲେ, ଜିଲାପାଳଙ୍କୁ ଅବଗତ କରାଯିବା ସହ ଅଭିଯୋଗର ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟପକ୍ଷେ କେତେଜଣ ଅସାଧୁ କର୍ମଚାରୀ ଓ ଲୋକ ପ୍ରତିନିଧିଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଯୋଗୁ ସରକାରୀ ଅର୍ଥ ବାଟମାରଣା ହେଉଛି ବୋଲି ବଟକୃଷ୍ଣ ଅଭିଯୋଗ ଆଣି ନିରପେକ୍ଷ ତଦନ୍ତ ଦାବି କରିଛନ୍ତି।

■ ନିର୍ମାଣ ଶ୍ରମିକ ସଚେତନତା କର୍ମଶାଳା

## ଏଣିକି ସ୍ମାର୍ଟ୍‌ରେ ଚିହ୍ନଟ ସହ ପଞ୍ଜୀକରଣ

ପୁରୀ ଅଫିସ, ୧୭।୧୦:

ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା କ୍ଷେତ୍ରରେ ସରକାରଙ୍କ ୫-ଟି ଠିକ୍ ଭାବେ କାର୍ଯ୍ୟକ୍ଷମ କରିବା ନିମନ୍ତେ ଗୁରୁବାର ସଦ୍‌ଭାବନା ସଭାଗୃହରେ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପଞ୍ଜୀକରଣରେ ସ୍ୱଚ୍ଛତା ଆଣିବା ଉପରେ ଗୁରୁତ୍ୱାରୋପ କରିଥିଲେ। କେତେକ କ୍ଷେତ୍ରରେ ପ୍ରକୃତ ନିର୍ମାଣ ଶ୍ରମିକ ନାମ ପଞ୍ଜୀକରଣ କରି ନ ପାରି କଲ୍ୟାଣକାରୀ ଯୋଜନାରୁ ବଞ୍ଚିତ ରହୁଛନ୍ତି। ଅପରପକ୍ଷେ କେତେଜଣ ଚଞ୍ଚକତା କରି ନାମ ପଞ୍ଜୀକରଣ କରି ସରକାରୀ ସୁବିଧା ସୁଯୋଗ ହାତଉଛନ୍ତି। ଏମିତି ଅନେକ ଫେକ୍ କାର୍ଡ କରାଯାଉଛି। ଦଲାଲ୍‌ମାନେ ମଧ୍ୟସ୍ଥ ସାଜି ମୋଟା ଅଙ୍କର ଟଙ୍କା ନେଉଛନ୍ତି। ଏଣିକି ଏଥିରେ ଅଙ୍କୁଶ ଲଗାଯିବ। ସ୍ମାର୍ଟ୍ ରେଜିଷ୍ଟ୍ରେଶନ କରାଯିବ। ସମ୍ପୃକ୍ତ ବିଭାଗର ଜୁନିୟର ଇଞ୍ଜିନିୟର ଏବଂ ଆସିଷ୍ଟାଣ୍ଟ ଇଞ୍ଜିନିୟରମାନଙ୍କ ଉପରେ ଏହି ପଞ୍ଜୀକରଣ ଦାୟିତ୍ୱ ଦିଆଯାଇଛି। ଯାହାଙ୍କ ବୟସ ୧୮ରୁ ୬୦ ବର୍ଷ ମଧ୍ୟରେ ହୋଇଥିବ ଏବଂ ବର୍ଷକୁ ସେ ଅତି କମ୍‌ରେ ୯୦ଦିନ ନିର୍ମାଣ କାର୍ଯ୍ୟରେ ନିୟୋଜିତ ହୋଇଥିବେ ସେମାନଙ୍କୁ ସ୍ମାର୍ଟ୍‌ରେ ଚିହ୍ନଟ କରି ପଞ୍ଜୀକୃତ କରାଯିବ। ଏଥିସହ ନିର୍ମାଣ ଶ୍ରମିକଙ୍କ କଲ୍ୟାଣ ନିମନ୍ତେ ଥିବା ଯୋଜନାଗୁଡ଼ିକୁ ଠିକ୍ ଭାବେ କାର୍ଯ୍ୟକାରୀ କରିବାକୁ ଅତିରିକ୍ତ ଜିଲାପାଳ କହିଛନ୍ତି। ଜିଲା ଶ୍ରମ ଅଧିକାରୀ ପରିମିତା ମିଶ୍ର ବିଭିନ୍ନ କଲ୍ୟାଣକାରୀ ଯୋଜନାକୁ ପାୱାର ପ୍ରେଜେଣ୍ଟେଶନ ମାଧ୍ୟମରେ ବୁଝାଇଥିଲେ। ପ୍ରତ୍ୟେକ ନିର୍ମାଣ ସଂସ୍ଥାଠାରୁ ନିର୍ମାଣ ପ୍ରକଳ୍ପ ମୋଟ ଖର୍ଚ୍ଚର ୧ ପ୍ରତିଶତ ସେସ୍ ବାବଦ ଦେୟ ଓଡ଼ିଶା କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ପାଣ୍ଠିରେ ପଇଠ କରିବା ଉପରେ ଜିଲା ଶ୍ରମ ଅଧିକାରୀ ଗୁରୁତ୍ୱ ଦେଇଥିଲେ। ରାଜ୍ୟରେ ପ୍ରାୟ ୨୫ଲକ୍ଷ ନିର୍ମାଣ ଶ୍ରମିକ ଥିବାବେଳେ ପୁରୀ ଜିଲାରେ ଏବେ ସୁଦ୍ଧା ୭୭,୯୦୭ ଜଣ ନାମ ପଞ୍ଜୀକରଣ କରିଛନ୍ତି। ସେମାନଙ୍କ ମଧ୍ୟରେ ୬୫,୧୧୪ ପୁରୁଷ ଏବଂ ୧୧, ୭୯୧ ମହିଳା ଅଛନ୍ତି। ଏମାନଙ୍କ ମଧ୍ୟରୁ ୨୮,୮୭୨ ଜଣଙ୍କୁ ଶିକ୍ଷାବୃତ୍ତି, ସାଇକେଲ, ନିରାପତ୍ତା ଉପକରଣ, କାର୍ଯ୍ୟ ଉପକରଣ କ୍ରୟ, ବିବାହ, ପ୍ରସୂତିକାଳୀନ, ମୃତ୍ୟୁକାଳୀନ ଏବଂ ଅନ୍ତ୍ୟେଷ୍ଟିକ୍ରିୟା ସହାୟତା ବାବଦକୁ ୧୪କୋଟି ୩ଲକ୍ଷ ଟଙ୍କା ଦିଆଯାଇଛି। ଏହି ଅବସରରେ ପୂର୍ତ୍ତ ବିଭାଗ ନିର୍ବାହୀଯନ୍ତ୍ରୀ ପ୍ରିୟବ୍ରତ ସାମନ୍ତରା, ଡିପିଆଇୟୁ ନିର୍ବାହୀଯନ୍ତ୍ରୀ ରମିୟ ପଣ୍ଡା, ସହାୟକ ଶ୍ରମ ଅଧିକାରୀ ଚୌଧୁରୀ ସୁବ୍ରତ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ସହାୟତାରୁ ବଞ୍ଚିତ ବାତ୍ୟା କ୍ଷତିଗ୍ରସ୍ତଙ୍କ ଆନ୍ଦୋଳନ

ସାକ୍ଷୀଗୋପାଳ, ୧୭।୧୦(ଡି.ଏନ୍.ଏ.)

ବାତ୍ୟା ପ୍ରଭାବରେ କ୍ଷତିଗ୍ରସ୍ତ କାଦୁଆ ଗ୍ରାମପଞ୍ଚାୟତର ଶତାଧିକ ଲୋକ ସରକାରୀ ସହାୟତାରୁ ବଞ୍ଚିତ ହୋଇଥିବାରୁ ଗୁରୁବାର ଆନ୍ଦୋଳନକୁ ଓହ୍ଲାଇଥିଲେ। କାଦୁଆ ସରପଞ୍ଚ ସୁବାସ ମହାପାତ୍ରଙ୍କ ନେତୃତ୍ୱରେ ପ୍ରଭାବିତ ଲୋକେ ପଞ୍ଚାୟତ କାର୍ଯ୍ୟାଳୟରୁ ବାହାରି ସତ୍ୟବାଦୀ ତହସିଲ କାର୍ଯ୍ୟାଳୟରେ ପହଞ୍ଚି ଅତିରିକ୍ତ ତହସିଲଦାର ଉଲ୍ଲାସ ଚନ୍ଦ୍ର ସେଠୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ବାତ୍ୟାରେ ସେମାନଙ୍କର ଘରଦ୍ୱାର ଭାଙ୍ଗି ଯାଇଥିବାବେଳେ ସହାୟତା ମିଳୁ ନ ଥିବା କହିଛନ୍ତି। ସେହପରି ରବି ଫସଲ, ନଡ଼ିଆ, ଗୁଆ ଗଛ ନଷ୍ଟ ହୋଇଥିଲେ ମଧ୍ୟ କ୍ଷୟକ୍ଷତିର ଆକଳନ ନିମନ୍ତେ ତଦନ୍ତ କରାଯାଉ ନ ଥିବା ଅଭିଯୋଗ ସମ୍ପର୍କରେ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ସତ୍ୟବାଦୀ ବଡିଓ ଓ କୃଷି ଅଧିକାରୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯଇଥିବା ଜଣାପଡିଛି।

■ ୩ ବେଆଇନ କରତକଳ ଉପରେ ଚଢ଼ାଉ

## ଲକ୍ଷାଧିକ ଟଙ୍କାର ଯନ୍ତ୍ରାଂଶ ଜବତ କଲା ବନ ବିଭାଗ

କାକଟପୁର, ୧୭।୧୦(ଡି.ଏନ୍.ଏ.)

ପୁରୀ ଜିଲା ଅସ୍ତରଙ୍ଗଠାରେ ବେଆଇନ ଭାବେ ଚାଲିଥିବା ୩ଟି କରତକଳ ଉପରେ ଗୁରୁବାର ବନ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଛି। ସେଠାରୁ ବିଭାଗ ଲକ୍ଷାଧିକ ଟଙ୍କାର ଯନ୍ତ୍ରାଂଶ ଜବତ କରିବା ସହ ବେଆଇନ କରତକଳ ମାଲିକଙ୍କ ନାମରେ ପୃଥକ ପୃଥକ ୩ଟି ମାମଲା ରୁଜୁ କରିଛି। ସରକାରୀ ନିୟମକୁ ନ ମାନି ଅସ୍ତରଙ୍ଗଠାରେ କରତକଳ ଚାଲୁଥିବା ସମ୍ପର୍କରେ ଅଭିଯୋଗ ପାଇ ଗୁରୁବାର ପୁରୀ ବନବିଭାଗ ଏସିଏଫ୍ ରବିନାରାୟଣ ମହାପାତ୍ର, କୋଣାର୍କ ରେଞ୍ଜର ଆଦିତ୍ୟ ନାରାୟଣ ମିଶ୍ରଙ୍କ ନେତୃତ୍ୱରେ ଏକ ଟିମ୍ କରତକଳରେ ଚଢ଼ାଉ କରିଥିଲେ। ଅସ୍ତରଙ୍ଗ ବନାଞ୍ଚଳରେ ବେଆଇନ ଭାବେ ୩୦ରୁ ଊର୍ଦ୍ଧ୍ୱ କରତକଳ ଚାଲୁଥିବା ସମ୍ପର୍କରେ ଅଭିଯୋଗ ହୋଇଆସୁଛି।



ବନ ବିଭାଗ ଦ୍ୱାରା ଯନ୍ତ୍ରାଂଶ ଜବତ କରାଯାଉଛି।





କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

## ପଞ୍ଚାୟତ ବିକାଶ ଯୋଜନା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

କଣାସ, ୧୭।୧୦(ସ୍ୱ.ପ୍ର.)

ନୀଳାଚଳ ସେବା ପ୍ରତିଷ୍ଠାନ ପରିସରରେ ଗୁରୁବାର କଣାସ, ଡେଲାଙ୍ଗ, ବ୍ରହ୍ମଗିରି ବ୍ଲକର ୫୨ଜଣ ୱାର୍ଡ ସଭ୍ୟାସଭ୍ୟଙ୍କୁ ନେଇ ପଞ୍ଚାୟତ ବିକାଶ ଯୋଜନା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। ବରିଷ୍ଠ ଖବରଦାତା ବିଭୂତି ଭୂଷଣ ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ନିରଞ୍ଜନ ତ୍ରିପାଠୀ ଏବଂ ଭୃଗୁନନ୍ଦ ରଥ ପ୍ରଶିକ୍ଷକ ଭାବେ ଯୋଗ ଦେଇଥିବା ବେଳେ ଅନୁଷ୍ଠାନର କର୍ମଚାରୀ ସନ୍ତୋଷ ଶ୍ରୀଚନ୍ଦନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଶ୍ରମିକ ମାରଣ ନୀତିକୁ ବିରୋଧ

ପୁରୀ ଅଫିସ, ୧୭।୧୦ :

ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ) ପୁରୀ ନଗର କମିଟି ପକ୍ଷରୁ ଦଳର ଶତବାର୍ଷିକୀ ପାଳନ ନେଇ ଏକ ପ୍ରସ୍ତୁତି ବୈଠକ ଗୁରୁବାର ଜିଲା କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇ ଯାଇଛି। ଆସନ୍ତା ୨୦୨୦ ଅକ୍ଟୋବର ୧୭ରେ ଶତବାର୍ଷିକୀ ପାଳନ କରାଯିବ। ବୈଠକରେ କେନ୍ଦ୍ର ସରକାରଙ୍କ ଶ୍ରମିକ ମାରଣ ନୀତିକୁ ତୀବ୍ର ବିରୋଧ କରାଯାଇଛି। ଏ ନେଇ ଆଗାମୀ ଦିନରେ ତୀବ୍ର ଆନ୍ଦୋଳନ କରାଯିବାକୁ ନିଷ୍ପତ୍ତି ହୋଇଛି। ସିପିଆଇ ସମ୍ପାଦକ ଶରତ ଚନ୍ଦ୍ର ରାୟଗୁରୁ, ଜଗନ୍ନାଥ ଦେଓ, ରଣଜିତ ପଟ୍ଟନାୟକ, ଟୁନା ନାୟକ, ମନୋରଞ୍ଜନ ମହାରଣା, ବିଭୂତି ରାଉତରାୟ, ବାହନ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

## ସୂର୍ଯ୍ୟମନ୍ଦିରରୁ ନବଗ୍ରହ ମନ୍ଦିରକୁ ରାସ୍ତା ବନ୍ଦ ପ୍ରତିବାଦରେ ବୈଠକ

କୋଣାର୍କ, ୧୭।୧୦(ଡି.ଏନ୍.ଏ.)

କୋଣାର୍କ ସୂର୍ଯ୍ୟମନ୍ଦିର ବେଢାକୁ ଲାଗି ଅବସ୍ଥିତ ନବଗ୍ରହ ମନ୍ଦିର। ଏକ ବର୍ଷଧରି ସୂର୍ଯ୍ୟମନ୍ଦିରରୁ ନବଗ୍ରହ ମନ୍ଦିରକୁ ଯିବା ବାଟକୁ ଏଏସ୍‌ଆଇ ବନ୍ଦ କରିଥିବାରୁ ମନ୍ଦିରକୁ ଆସୁଥିବା ପର୍ଯ୍ୟଟକ ନବଗ୍ରହ ମନ୍ଦିର ଦର୍ଶନ ନ କରି ଫେରିଯାଉଛନ୍ତି। ନବଗ୍ରହ ମନ୍ଦିରର ପୂଜକ ମାନେ ବାରମ୍ବାର ଅଭିଯୋଗ କଲାପରେ ବି ସ୍ଥାନିୟ ଏଏସ୍‌ଆଇ କର୍ତ୍ତୃପକ୍ଷ ତାଙ୍କ ଅଭିଯୋଗକୁ କର୍ଣ୍ଣପାତ କରୁ ନ ଥିବା ସେବାୟତମାନେ ଅଭିଯୋଗ କରିଛନ୍ତି। ତେଣୁ ଗୁରୁବାର ପୂର୍ବାହ୍ନରେ ନବଗ୍ରହ ପୂଜକ ସଂଘର ସଭାପତି ତ୍ରିଲୋଚନ ପାଢୀଙ୍କ ନେତୃତ୍ୱରେ ଏକ ଜରୁରୀ ବୈଠକ ହୋଇଥିଲା। ଏଥିରେ ମାଧିପୁର ଓ ସନ୍ଧପୁରର ସମସ୍ତ ପୂଜକ ଯୋଗଦେଇଥିଲେ। ରାସ୍ତା ବନ୍ଦ କରିବା ଘଟଣାକୁ ବୈଠକରେ ନିନ୍ଦା କରାଯାଇଥିଲା। ମନ୍ଦିର ଉପରେ ନିର୍ଭରକରି ଯେଉଁ ୨ଗ୍ରାମର ପୂଜକ ନିଜ ପରିବାର ପୋଷଣ କରନ୍ତି ଶ୍ରଦ୍ଧାଳୁମାନେ ନବଗ୍ରହ ପୀଠକୁ ନ ଆସିବାରୁ ଅତି ଦୁଃଖରେ ନିଜର ପରିବାର ମେଣ୍ଟାଉଛନ୍ତି। ଏଏସ୍‌ଆଇ କର୍ତ୍ତୃପକ୍ଷ ତୁରନ୍ତ ବାଡ଼ ହଟାଇବା ପାଇଁ ପୂଜକମାନେ ଦାବି କରିଛନ୍ତି। ଯଦି ଆଗାମୀ ୭ ଦିନ ମଧ୍ୟରେ ଏଏସ୍‌ଆଇ ନବଗ୍ରହ ପୀଠକୁ ବାଟ ନ ଦିଏ ତାହାଲେ ପୂଜକମାନେ ବାଧହୋଇ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ପୁରୀ ଜିଲାପାଳ ଏ ଦିଗପ୍ରତି ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ଓ ରାଜନୈତିକ ବ୍ୟକ୍ତିବିଶେଷ ପୂଜକମାନେ ଦାବି କରିଛନ୍ତି। ଏହି ବୈଠକରେ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ପଣ୍ଡା, ବିଭୂତି ଭୂଷଣ ପାଢୀ, ରବୀନ୍ଦ୍ର ପଣ୍ଡା, ସୁଶାନ୍ତ ପାଢୀ, ସୁର ପଣ୍ଡା, ଲିଙ୍ଗରାଜ ପଣ୍ଡା, କଂଗ୍ରେସର ନଗର ସଭାପତି ଭରତ ଚନ୍ଦ୍ର ପାଢୀ, ଭାଜପା ମଣ୍ଡଳ ସଭାପତି ସୁରେନ କୁମାର ପାଲ, ବିଜେଡିର ଯୁବ ନେତା ସଞ୍ଜୟ ରାଉତରାୟ ଓ ସୁବୋଧ ଖଟୁଆ ପ୍ରମୁଖ ଯୋଗ ଦେଇଥିଲେ।

## ସମୁଦ୍ରରୁ ନାବାଳକ ଉଦ୍ଧାର

ପୁରୀ ଅଫିସ,୧୭।୧୦:

ସମୁଦ୍ରରେ ବୁଡ଼ି ଯାଉଥିବା ବେଳେ ଗୁରୁବାର ଜଣେ ନାବାଳକଙ୍କୁ ଉଦ୍ଧାର କରାଯାଇଛି। ସେ ହେଲେ ପୁରୀ ଲୋକନାଥ ରୋଡର ବିକାଶ କୁମାର ସାହୁ (୧୫)। ସେହିପରି ସେହିପରି ଲହଡି ମାଡରେ ପଶ୍ଚିମବଙ୍ଗ ନଦିଆ ଅଞ୍ଚଳର ଅସିତ୍ ଦେବନାଥ (୫୫) ଗୁରୁତର ଆହତ ହୋଇଛନ୍ତି। ପ୍ରକାଶ ଯେ, ଅପରାହ୍ନରେ ସେକ୍ଟର ୮ ଅଞ୍ଚଳ ସମୁଦ୍ରରେ ସ୍ନାନ କରିବା ବେଳେ ବିକାଶ ଗଭୀରକୁ ଚାଲିଯାଇଥିଲେ। ଲାଇଫଗାର୍ଡମାନେ ତାଙ୍କୁ ଉଦ୍ଧାର କରିଥିଲେ। ସେହିପରି ପରିବାର ସହ ସମୁଦ୍ର ସ୍ନାନ ବେଳେ ଜୁଆର ମାଡ଼ରେ ଆହତ ହୋଇଥିବା ଅସିତଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ।

## ପ୍ଲାଟିନମ୍ ଜୁବିଲି ପ୍ରସ୍ତୁତି ବୈଠକ

ଗୋପ, ୧୭।୧୦(ଡି.ଏନ୍.ଏ.)

ଗୋପ ଅଞ୍ଚଳର ସର୍ବ ପୁରାତନ ନିଗମାନନ୍ଦ ଉଚ୍ଚ ବିଦ୍ୟାଳୟକୁ ୭୫ ବର୍ଷ ପୂରଣ ହୋଇଥିବାବେଳେ ଗୁରୁବାର ଏକ ବୈଠକ ସ୍କୁଲ ପରିସରରେ କରାଯାଇଛି। ଏଥିରେ ପ୍ଲାଟିନମ୍ ଜୁବିଲି ପାଳନ କରାଯିବା ଲାଗି ସ୍ଥିର କରାଯାଇଛି। ଜାନୁୟାରୀ ୧୦ ତାରିଖ ଠାରୁ ୧୩ ତାରିଖ ପର୍ଯ୍ୟନ୍ତ ୩ ଦିନ ବ୍ୟାପୀ ଏହି କାର୍ଯ୍ୟକ୍ରମରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ପୁରାତନ ଛାତ୍ରୀଛାତ୍ର ତଥା ଗୋପ ଅଞ୍ଚଳର ବିଶିଷ୍ଟ ବ୍ୟକ୍ତିମାନଙ୍କୁ ସମ୍ବର୍ଦ୍ଧିତ କରାଯିବା ଲାଗି ନିଷ୍ପତ୍ତି ନିଆଯାଇଛି। ପ୍ରତିଦିନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏଥି ସହ ପ୍ଲାଟିନମ୍ ଜୁବିଲି ଅବସରରେ ବିଦ୍ୟାଳୟର ଏକ ସ୍ମରଣିକା ଉନ୍ମୋଚନ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏଥିଲାଗି ଅକ୍ଟୋବର ଶେଷ ସୁଦ୍ଧା ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ନିକଟକୁ ଲେଖା ପଠାଇବାକୁ ସ୍ଥିର କରାଯାଇଛି

## ଶାମୁକା ହୋଟେଲ ପ୍ରକଳ୍ପକୁ ବିରୋଧ

### ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା

ପୁରୀ ଅଫିସ,୧୭।୧୦:

ପ୍ରସ୍ତାବିତ ଶାମୁକା ହୋଟେଲ ପ୍ରକଳ୍ପକୁ ବିରୋଧ କରି ଚାଷୀ ମୂଲିଆ ସଂଘ ଏବଂ ଉପକୂଳୀୟ ଜମି ଓ ଜଙ୍ଗଲ ସୁରକ୍ଷା ସମିତି ପକ୍ଷରୁ ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ପ୍ରଥମେ ଗୁଣ୍ଡିଚା ମନ୍ଦିର ନିକଟରୁ ସଂଘ ଓ ସମିତିର ସଦସ୍ୟମାନେ ଶୋଭାଯାତ୍ରାରେ ଯାଇ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ପ୍ରସ୍ତାବିତ ଶାମୁକା ହୋଟେଲ ପ୍ରକଳ୍ପ ବିରୋଧରେ ସ୍ଲୋଗାନ ଦେଇଥିଲେ। ଏହାପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ।

ସମିତିର ବଟକୃଷ୍ଣ ସ୍ୱାଇଁ କହିଛନ୍ତି, ବାତ୍ୟା ଫନୀରେ ପୁରୀ ଉପକୂଳରେ ସର୍ବାଧିକ କ୍ଷୟକ୍ଷତି ହୋଇଥିଲା। ପୁରୀ ସାତପଡ଼ା ମଧ୍ୟରେ ଥିବା ଘଞ୍ଚ ସାମୁଦ୍ରିକ ଜଙ୍ଗଲ ଯୋଗୁ ବାତ୍ୟାର ପ୍ରଭାବ ଅନେକ ମାତ୍ରାରେ ହ୍ରାସ ପାଇଥିଲା। ଏହି ଜଙ୍ଗଲ ସୁରକ୍ଷା କବଚ ଭାବେ ରହିଆସିଛି। ମାତ୍ର ରାଜ୍ୟ ସରକାର ଏହି ଘଞ୍ଚ ଜଙ୍ଗଲକୁ ଧ୍ୱଂସ କରି ପୁରୀ ଜିଲା ସିପସରୁବାଲି ମୌଜାରେ ଶାମୁକା ହୋଟେଲ ପ୍ରକଳ୍ପ ପ୍ରତିଷ୍ଠା କରିବା ପାଇଁ ଯୋଜନା ପ୍ରସ୍ତୁତ କରିଛନ୍ତି। ଏହି ପ୍ରକଳ୍ପ ପ୍ରତିଷ୍ଠା ହେଲେ ସାମୁଦ୍ରିକ ଜଙ୍ଗଲ ନଷ୍ଟ ହେବ ଓ ପୁରୀ ଉପକୂଳବାସୀ ପ୍ରାକୃତିକ ସୁରକ୍ଷା କବଚକୁ ହରାଇବେ। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ୬ଦଫା ଦାବିପତ୍ର ଦିଆଯାଇଥିଲା। ଶାମୁକା ପ୍ରକଳ୍ପକୁ ବାତିଲ, ସିପସରୁବାଲି ମୌଜାକୁ ପରିବେଶ ସମ୍ବେଦନଶୀଳ ଅଞ୍ଚଳ ଘୋଷଣା ସହ ବ୍ୟାପକ ଜଙ୍ଗଲ ସୃଷ୍ଟି କରାଯିବା, ସ୍ଥାନୀୟ ବାସିନ୍ଦାଙ୍କୁ ସିପସରୁବାଲି ମୌଜା ଜମି ଉପରେ ଅଧିକାର ଦେବା, ଗୋରୁଆଳ ଓ ଆମ୍ବପଡ଼ା ପଞ୍ଚାୟତରେ ଗ୍ରାମସଭା ଅନୁମତି ବିନା ପ୍ରସ୍ତାବିତ ପାଚେରି ନିର୍ମାଣ କରା ନ ଯିବା, ସମୁଦ୍ର ଉପକୂଳର ୫କିମି ମଧ୍ୟରେ ସମସ୍ତ ପରିବାରକୁ ଦୁଇ ବଖରା କଂକ୍ରିଟ ଘର ଯୋଗାଇ ଦିଆଯିବା ଆଦି ଦାବି କରାଯାଇଛି। ଏହି ଧାରଣାରେ ସିପିଆଇ (ଏମ୍‌ଏଲ୍) ଲିବରେଶନର ଅଶୋକ ପ୍ରଧାନ ଓ ବାସୁଦେବ ଦାସ, ମିଥ୍ୟା ମକଦ୍ଦମା ବିରୋଧୀ ମଞ୍ଚର ନରେନ୍ଦ୍ର ମହାନ୍ତି, କୃଷକ ସଭାର କୃଷ୍ଣ ରାଉତ, ଫାଇଲିନ କ୍ରିୟାନୁଷ୍ଠାନ କମିଟିର ସୁରେନ୍ଦ୍ର ଜେନା, ଚାଷୀ ମୂଲିଆ ସଂଘର ଆବାହକ ଶ୍ରୀକାନ୍ତ ମହାନ୍ତି, ଅସଙ୍ଗଠିତ ଶ୍ରମିକ ସଂଘର ମୋହନ ନାଇଡୁ, ଆର୍‌ପିଆଇ ନେତା ଅବଦୁୱାଲି, ଗଣଆନ୍ଦୋଳନ ନେତା ପ୍ରଦୀପ୍ତ ସାହୁ, ନଡ଼ିଆ ଚାଷୀ ନେତା ତପନ ଉପାଧ୍ୟାୟ ପ୍ରମୁଖ ସାମିଲ ଥିଲେ।

